# କଙ୍ଗାରୁ କୋର୍ଟ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଯାଜପୁରଟାଉନ,୩୧।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ବିଭିନ୍ନ ସଙ୍ଗଠନ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

କଙ୍ଗାରୁ କୋର୍ଟକୁ ବିରୋଧ କରି ମଙ୍ଗଳବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଯାଜପୁର ସଦର ଥାନା ମହେଶ୍ୱରପୁର ଗ୍ରାମରେ ଗତ ୪ ତାରିଖରେ ଏକ ବାଇକ୍ ଚୋରି ହୋଇଥିବାରୁ ଜାତିବାଦୀଙ୍କ ନଜର ପଡ଼ିଥିଲା ଗ୍ରାମର ୨ଦଳିତ ଯୁବକଙ୍କ ଉପରେ। ତେଣୁ ବିନା ପ୍ରମାଣରେ ଦଳିତ ସାହିର ୨ ଯୁବକଙ୍କୁ ଧରି ଆଣିବାକୁ ଶତାଧିକ ଲୋକ ମାଡ଼ିଯାଇଥିଲେ ଦଳିତ ସାହିକୁ। ସାହିର ଦେବାଶିଷ ମଲ୍ଲିକଙ୍କୁ ମେଳାରୁ ଧରି ଆଣିବା ପରେ ରାଜେନ୍ଦ୍ର ମହାରଣାଙ୍କୁ ଘରେ ପଶି ମାଡ଼ ମାରି ଭିଡ଼ି ଆଣିଥିଲେ। ଏହି ସମୟରେ ତାଙ୍କ ମା', ଭଉଣୀ ଅଟକାଇବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏହି ଦୁଇ ଯୁବକଙ୍କ ସହ ଗ୍ରାମର ବି.ଟେକ୍ ଛାତ୍ର ସ୍ନେହାଶିଷ ମଲ୍ଲିକଙ୍କୁ ମଧ୍ୟ ଗ୍ରାମବାସୀ ନେଇ ଯାଇଥିଲେ। ପରେ ସ୍ନେହାଶିଷଙ୍କ ମା'ଙ୍କୁ ଆଣି ଗ୍ରାମର କଙ୍ଗାରୁ କୋର୍ଟରେ ହାଜର କରାଇ ଗଛରେ ବାନ୍ଧି ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସ୍ନେହାଶିଷଙ୍କ ବାପା ଥାନାରେ ଅଭିଯୋଗ କରିବାର ୧୨ ଘଣ୍ଟା ପରେ ପୋଲିସ ଯାଇ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପରେ ଏହି ୩ ଯୁବକଙ୍କୁ ପୋଲିସ ତିନିଦିନ ସଦର ଥାନାରେ ଅଟକ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲା।

ମାତ୍ର ଯେଉଁମାନେ ଜାତିବାଦୀ ଆଇନକୁ ହାତକୁ ନେଇ ଘରେ ପଶି ମହିଳାଙ୍କ ଉପରେ ଅତ୍ୟାଚାର କଲେ ଓ ବିନା କାରଣରେ ପିଲାଙ୍କୁ ମରଣାନ୍ତକ ଆକ୍ରମଣ କଲେ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ନିରୀହ ପିଲାଙ୍କୁ ଅକଥନୀୟ ନିର୍ଯାତନା ଦେଇ ନିଜର ପାରିବା ପଣିଆ ଦେଖାଇଲା। ଏମ୍ଏସ୍ୱାଇଏଫ୍‌ର ସାଥୀ ଖବର ପାଇ ଥାନାକୁ ଯାଇ ପ୍ରକୃତ ତଥ୍ୟ ଜିଜ୍ଞାସା କରିବାରୁ ପୋଲିସ ସେହି ୩ ଯୁବକଙ୍କୁ ଛାଡ଼ିଥିଲା। କଙ୍ଗାରୁ କୋର୍ଟର ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେବା ପରେ ମଧ୍ୟ ସଦର ପୋଲିସ ଓ ଜିଲା ପୋଲିସ ସଂପୃକ୍ତ ଅବଜ୍ଞା ଭାବ ପୋଷଣ କରି ନୀରବ ରହିଥିଲା। ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ପରେ ଜିଲା ପୋଲିସ ମାତ୍ର ଦୁଇଜଣଙ୍କୁ ଗିରଫ କରି ଚୁପ୍ ହୋଇ ବସିଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ମୂଳନିବାସୀ ଛାତ୍ର ଓ ଯୁବ ସାମୁଖ୍ୟ, ଭୀମ ଆର୍ମି, ସାନ୍ତାଳ ସମାଜ, ବିର୍ସା ବ୍ରିଗେଡ୍, କଳିଙ୍ଗନଗର ବହୁଜନ ସମାଜପାର୍ଟି, ଆମ୍ବେଦକର ଫାଉଣ୍ଡେଶନ ସମେତ ବିଭିନ୍ନ ସଙ୍ଗଠନର ଶତାଧିକ ସଦସ୍ୟ କିଆନାଳୀରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିବା ସହ ଦୀର୍ଘ ସମୟ ପ୍ରତିବାଦ କରିଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା ପ୍ରଶାସନର ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଦାଣ୍ଡଯାତ୍ରା ପାଇଁ ଦଣ୍ଡ ମାରିଲେ ମାନସିକଧାରୀ

**ଚଣ୍ଡିଖୋଲ,୩୧।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଦାଣ୍ଡଯାତ୍ରା ବୁଧବାର ଅନୁଷ୍ଠିତ ହେବ। ଏହି ଦାଣ୍ଡଯାତ୍ରା ପାଇଁ ମାନସିକଧାରୀ ମଙ୍ଗଳ ବାର ଦଣ୍ଡମାରି ମାରି ପ୍ରଭୁଙ୍କୁ ନିମନ୍ତ୍ରଣ କରିବା ପାଇଁ ଯାତ୍ରା କରିଛନ୍ତି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୯ ମାନସିକଧାରୀ ୩ କିମି ଦଣ୍ଡ ମାରି ଯାଇଛନ୍ତି। ବାଲିଚନ୍ଦ୍ରପୁରସ୍ଥିତ ହନୁମାନ ମନ୍ଦିରରୁ ଏହି ଦଣ୍ଡ ପ୍ରଣାମ ଅଶିଳାସ୍ଥିତ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ କରାଯାଇଛି। ପରମ୍ପରା ଅନୁଯାୟୀ ମାନସିକଧାରୀ ଦଣ୍ଡ ମାରି ଯାଇ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରରେ ପହଞ୍ଚିବେ। ସେଠାରେ ପୂଜାର୍ଚ୍ଚନା କରି ପ୍ରଭୁ ଶ୍ରୀରାମଙ୍କୁ ନିମନ୍ତ୍ରଣ କରିବେ। ବୁଧବାର ଏକ ବିମାନରେ ପ୍ରଭୁ ରାମଚନ୍ଦ୍ର, ମାତା ସୀତା ଓ ଭକ୍ତ ହନୁମାନଙ୍କ ବିଗ୍ରହ ଅଶିଳା ମନ୍ଦିରରୁ ବାହାରି ବାଲିଚନ୍ଦ୍ରପୁରସ୍ଥିତ ହନୁମାନ ମନ୍ଦିରକୁ ରୋଷଣି ସହକାରେ ଆସିବେ ବୋଲି ସୂଚନା ମିଳିଛି।



ଜଣେ ମାନସିକଧାରୀ ଦଣ୍ଡମାରି ଯାତ୍ରା କରୁଛନ୍ତି।

# ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ

**ଦଶରଥପୁର,୩୧।୩ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ସ୍ଥିତ ଦଶରଥପୁର ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ୧୯୯୫ ବ୍ୟାଚର ରୌପ୍ୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଯୋଗଦେଇ ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରଙ୍କ କର୍ତ୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋଚନ କରିଥିଲେ। ଏହିଅବସରରେ ବିଦ୍ୟାଳୟର ପ୍ରାକ୍ତନଶିକ୍ଷକ କ୍ଷେତ୍ରବାସୀ ରଣା, ଧରଣୀଧର ମହାପାତ୍ର , ବାସୁଦେବ ମିଶ୍ର, ଶଶିକାନ୍ତ ଦାଶ, ନାରାୟଣ ଚନ୍ଦ୍ର ସାହୁ, ଏସକେ ତବାବ ଓ କର୍ମଚାରୀ ଭରତ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକମାନେ ତାଙ୍କ ଅତି ଆପଣାର ଛାତ୍ରଙ୍କୁ ପାଖରେ ପାଇ ଭାବବିହ୍ୱଳ ହେବା ସହ ଗୁରୁ ଓ ଶିଷ୍ୟଙ୍କ ନିଆରା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଛାତ୍ର ସଂସଦ ୧୯୯୫ ବ୍ୟାଚ ତରଫରୁ ପ୍ରତିବର୍ଷ ଚାରାରୋପଣ ସହ ଜଣେ ସର୍ବଶ୍ରେଷ୍ଠ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

# ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାରେ ଅଧ୍ୟକ୍ଷଙ୍କ ଅବଦାନ ଅତୁଳନୀୟ



ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଚଣ୍ଡିଖୋଲ/ବଡ଼ଚଣା,୩୧।୩(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

**ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମହାଲାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା**

ଓଡ଼ିଶାର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ନିମନ୍ତେ ସଂଘର୍ଷ କରି ଦାବି ହାସଲ କରିବା। ୪୮୮ ବର୍ଗ କଲେଜର ଉନ୍ନତି ନିମନ୍ତେ ପରିକଳ୍ପନା କରି ଦୀର୍ଘ ବର୍ଷ ଧରି ଯୋଜନା ପ୍ରସ୍ତୁତ କରିବା ଓ ଉଚ୍ଚ ଶିକ୍ଷାକ୍ଷେତ୍ରରେ ସଂସ୍କାର ପାଇଁ ପ୍ରଚେଷ୍ଟା କରିବା ଥିଲା ପବିତ୍ର ସାର୍‌ଙ୍କ ଚିନ୍ତାଧାରା। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର କିଭଳି ଉଚ୍ଚ ଶିକ୍ଷା ପାଇବେ ସେଥିପାଇଁ ତାଙ୍କ ଅବଦାନ ଅତୁଳନୀୟ। ମଙ୍ଗଳବାର ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମହାଲାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବଡ଼ଚଣା ବିଧାୟକ ଅମର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରାଉତ ଯୋଗଦେଇ ମହାଲାଙ୍କ କାର୍ଯ୍ୟ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ସଭାରେ ପ୍ରଫେସର ନାରାୟଣ ଚନ୍ଦ୍ର ମୁଦୁଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଶ୍ରୀକାନ୍ତ ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ କଲେଜ ଓ ଅନୁଷ୍ଠାନ ପକ୍ଷରୁ ଅଧ୍ୟକ୍ଷ ମହାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ 'ଅବସ୍ମରଣିକା'କୁ ଅତିଥି ଉନ୍ମୋଚନ କରିଥିଲେ। ଅଧ୍ୟାପକ ଅମ୍ବିକା ତ୍ରିପାଠୀ, ପ୍ରଦୀପ ବରାଳ, ଶାନ୍ତନୁ ରାଉତରାୟ, ନିରୁପମା ସ୍ୱାଇଁ, ସରିତା ସେଠୀ, ସଞ୍ଜିତ ମହାନ୍ତି, ପ୍ରିତମ ମିଶ୍ର ଓ ଭଗୀଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହୋଲି ଜେଶସ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ସଭାପତି ଦେବରାଜ ବେହେରା, ଚଣ୍ଡିଖୋଲ କଲେଜର ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି, ଅଧ୍ୟାପକ ବିଜୟ ସାମଲ ଓ ଶିକ୍ଷକ ନେତା ସତ୍ୟବାଦୀ ପଣ୍ଡା ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷ ମହାଲାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ଏକ ବିଶାଳ ରାଲିରେ ନେଇ ମହାଲାଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି କେଶବ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ।

# ବୃଦ୍ଧାଙ୍କ ହାତ ଭାଙ୍ଗିବା ଘଟଣାର ତଦନ୍ତ ଆରମ୍ଭ

**ବ୍ରହ୍ମବରଦା/କାଏମା,୩୧।୩(ଯଯାତି କେଶରୀ ବେହେରା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫବେଳେ ପୋଲିସ ଆକ୍ରୋଶରେ ବୃଦ୍ଧାଙ୍କ ହାତ ଭାଙ୍ଗିଯାଇଥିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଚାନ୍ଦମୋହିନୀ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ପୋଲିସ ଚଢ଼ାଉବେଳେ ଅଭିଯୁକ୍ତଙ୍କ ବାପା ଅଶୋକ ବେହେରା ଓ ଅଭିଯୁକ୍ତ ଆଶିଷ ବେହେରା ଘର ନିକଟରେ ଥିବା ଏକ କାଜୁ ଜଙ୍ଗଲରେ ଶୋଇଥିବାବେଳେ ବୃଦ୍ଧା ସେବତୀ ବେହେରା ସେଠାରେ ଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ କରି ବ୍ରହ୍ମବରଦା ଥାନାକୁ ଆଣିଥିଲା। ମାତ୍ର ଗିରଫ ସମୟରେ ପୋଲିସ କାହାକୁ ମାରଧର କରି ନ ଥିଲା। ବୃଦ୍ଧା ଜଣକ ବାଲିରେ ପଡ଼ିଯାଇଥିବାରୁ ତାଙ୍କ ହାତ ଭାଙ୍ଗିଥାଇପାରେ ବୋଲି ଏସଡିପିଓ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟାରେ ଘଟଣା ସମ୍ପର୍କରେ ବୃଦ୍ଧା ସେବତୀ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବ୍ରହ୍ମବରଦା ଥାନା କୁଣ୍ଡପାଟଣା ଡାକ୍ତରଖାନାରୁ ଗତ ସେପ୍ଟେମ୍ବରରେ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଆଶିଷଙ୍କୁ ଗିରଫ କରି ଥାନା ହାଜତରେ ରଖିଥିବାବେଳେ ଗତ ୨୮ ତାରିଖ ରାତିରେ ସେ ଥାନା ହାଜତରୁ ଚମ୍ପଟ ମାରିଥିଲେ। ଏହି ଘଟଣାରେ ଯାଜପୁର ଏସପି ଜଣେ ଏଏସ୍ଆଇ ସମେତ ୨ କନଷ୍ଟେବଲକୁ ନିଲମ୍ବନ କରିଥିଲେ। ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ ତାଙ୍କ ବାପା ଘରେ ଲୁଚାଇ ରଖିଥିବା ଜଣାପଡିବା ପରେ ୨୯ ତାରିଖରେ ପୋଲିସ ଚାନ୍ଦମୋହିନୀ ଗ୍ରାମରେ ଚଢ଼ାଉ କରିଥିଲା। ପୋଲିସ ବାପାପୁଅଙ୍କୁ ଗିରଫ କରିବା ସମୟରେ ଆଶିଷଙ୍କ ବୁଢ଼ୀ ମା'କୁ ଟଣାଓଟରା କରିଥିଲା। ଫଳରେ ତାଙ୍କ ହାତ ଭାଙ୍ଗିଯାଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣା ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଯାଜପୁର ପୋଲିସର ଇ-ମିତ୍ର ଆପ୍ ଉଦ୍‌ଘାଟିତ

**ପାଣିକୋଇଲି,୩୧।୩(ବିକାଶ ଚନ୍ଦ୍ର ମଲ୍ଲିକ):**

ଯାଜପୁର ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ପାଣିକୋଇଲିସ୍ଥିତ ମୁଖ୍ୟାଳୟରେ ଇ-ମିତ୍ର ଆପ୍ ଆଇଜି ସତ୍ୟଜିତ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୋବାଇଲ ହଜିଲେ ବା ଚୋରି ହେଲେ କିପରି ଅଭିଯୋଗ କରିହେବ ଓ ପ୍ରକୃତ ମାଲିକ କିପରି ତାହା ପାଇପାରିବେ ସେ ନେଇ ଆଇଜି ନାୟକ ସୂଚନା ଦେଇଛନ୍ତି। ଏଥିସହିତ ଯାଜପୁର ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ଫୋନର ପ୍ରକୃତ ମାଲିକଙ୍କ ପାଖରେ ପହଞ୍ଚାଇବା ଲାଗି ଯାଜପୁର ପୋଲିସ ଏହି ଆପ କରିଥିବା ଆଇଜି କହିଛନ୍ତି। ଏହି ଅବସରରେ ଯାଜପୁର ଜିଲାରେ ଅପରେଶନ ରି-କନେକ୍ଟ ମାଧ୍ୟମରେ ଏକ ସପ୍ତାହ ମଧ୍ୟରେ ୯୨ଟି ମୋବାଇଲ ଫୋନ୍ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଏକ ମୋବାଇଲ ମେଳା ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଉକ୍ତମେଳାରେ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଯୋଗଦେଇ ବିଭିନ୍ନ ଥାନା ପକ୍ଷରୁ ଉଦ୍ଧାର ହୋଇଥିବା ୯୨ ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ। ଯେଉଁମାନେ ଆସିନାହାନ୍ତି ସେହି ଫୋନଗୁଡିକୁ ସେମାନେ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ଶ୍ରୀମଲ ପ୍ରକାଶ କରିଥିଲେ।ଜିଲାର କଳିଙ୍ଗନଗର, ବିଞ୍ଝାରପୁର, ବାଲିଚନ୍ଦ୍ରପୁର, ଯାଜପୁର ସଦର, ଯାଜପୁରରୋଡ, ଦଶରଥପୁର, ମଙ୍ଗଳପୁର, ବରୀ, ଜେନାପୁର, ସୁକିନ୍ଦା, ଟମକା, କୁଆଖିଆ, କୋରେଇ, ଧର୍ମଶାଳା, ପାଣିକୋଇଲି ଓ ବୈରୀ ଥାନାରୁ ଏକ ସପ୍ତାହ ମଧ୍ୟରେ ଉକ୍ତ ମୋବାଇଲଗୁଡ଼ିକ ଚୋରି ହୋଇଥିବା ସଂପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପରେ ଏହି ମୋବାଇଲ ଗୁଡ଼ିକ ଟ୍ରାକିଂ କରି ଧରାଯାଇଥିଲା।

ଯାଜପୁର ଜିଲା ପୋଲିସ ଇତିହାସରେ ଦ୍ୱିତୀୟ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ଏକ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଏଥିସହିତ ସାଧାରଣ ଜନତାଙ୍କୁ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେଣ୍ଟି ରେଜିଷ୍ଟର ମୋବାଇଲ ଆପ ବିଷୟରେ ସୂଚନା ଦିଆଯାଇଥିଲା। ଯାହାଙ୍କ ମୋବାଇଲ ଫୋନ ଚୋରି ହୋଇଛି ସେମାନେ ଥାନାକୁ ନ ଯାଇ ଉକ୍ତ ଆପ ମାଧ୍ୟମରେ ଚୋରି ମୋବାଇଲର ଆଇ୍ଏମ୍ଇଆଇ ନମ୍ବରକୁ ରେଜିଷ୍ଟ୍ରସନ କରିବାକୁ ଅନୁରୋଧ କରାଯାଇଥିଲା। ଏହାଦ୍ୱାରା ଅଭିଯୋଗ ସିଧାପୋଲିସ ମୁଖ୍ୟାଳୟରେ ପହଞ୍ଚି ପାରିବ ଓ ପୋଲିସ ଉକ୍ତ ମୋବାଇଲକୁ ଟ୍ରାକିଂ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ ବୋଲି ଅବଗତ କରାଯାଇଥିଲା। ଉକ୍ତ ମେଳାରେ ଅତିରିକ୍ତ ଏସ୍‌ପି ପୁଷ୍ପଲତା ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଅଜିତ ବେହେରା, ସରଜେଣ୍ଟ ମନୋଜ ସାହୁ, ବିଶ୍ୱରଞ୍ଜନ ଗଡ଼ପାରୀ, ଏସ୍ଆଇ ସୌମ୍ୟାରଞ୍ଜନ ନାଥ ଓ ପ୍ରଶାନ୍ତ କୁମର ଦାଶଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



ଇ-ମିତ୍ର ଆପ୍ ଉଦ୍‌ଘାଟନୀ ଅବସରରେ ଆଇଜି ସତ୍ୟଜିତ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ।

# ଦବିଗଲା ପଥର ପ୍ୟାକିଂ

**୧୨ ମିଟର ପରିବର୍ତ୍ତେ ୩୪ ମିଟର ପ୍ଲେଟ ବ୍ୟବହାର ଅଭିଯୋଗ**

**ସିଂହପୁର,୩୧।୩ (ଅନଙ୍ଗ ଉଦୟ ବେଉରିଆ):**



ବିଞ୍ଝାରପୁର ଜଳ ସମ୍ପଦ ଉପଖଣ୍ଡ ଅଧୀନ ସିଂହପୁର ସେକ୍ସନରେ ନିମ୍ନମାନର ପଥର ବନ୍ଧ ପ୍ୟାକିଂ କାର୍ଯ୍ୟ କରାଯାଇଛି। ଫଳରେ ପଥର ବନ୍ଧ ଦବିଯାଇଛି। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ କିଛି ମାସ ପୂର୍ବରୁ ନିର୍ମିତ ଏହି ବନ୍ଧ ଏତେ ଶୀଘ୍ର ଦବିଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ନୂଆମାହାରା ବାମ ପାର୍ଶ୍ୱ ହଳଦିଡିହ ଅଞ୍ଚଳରେ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ପ୍ରାୟ ୩୦୦ ମିଟର ଲମ୍ବରେ ନଦୀବନ୍ଧ ସୁଦୃଢ଼ ପାଇଁ ପଥର ପ୍ୟାକିଂ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନିୟମ ଅନୁସାରେ ୧୨ ମିଟର ଲମ୍ବର ପ୍ଲେଟ ଖଞ୍ଜି ପଥର ପ୍ୟାକିଂ କରିବାକୁ ଥିଲେ ମଧ୍ୟ ଏଠାରେ ୩ରୁ ୪ମିଟର ପ୍ଲେଟ ବ୍ୟବହାର କରାଯାଇଛି। ଉପରୁ ଦେଖିବାକୁ ଚିକ୍କଣ ଲାଗିବା ପାଇଁ ପତଳାସ୍ତରରେ ପଥର ପକାଯାଇଥିବାରୁ ଏହା ବର୍ଷାର ପ୍ରଥମ ଜଳପ୍ରବାହକୁ ମଧ୍ୟ ସହି ପାରିନାହିଁ। ଏହାସହିତ କାର୍ଯ୍ୟ ସମୟରେ ଯଥାର୍ଥ ତଦାରଖ ହୋଇ ନ ଥିବା, ମାପ ଓ ମାନଦଣ୍ଡ ଅନୁସରଣ ନ କରି ବିଲ ଉଠାଯାଇଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଠିକାଦାର ଓ କେତେଜଣ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଫଳରେ ଏପରି ଅନିୟମିତତା ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ଋତୁ ପୂର୍ବରୁ ଯଦି ବନ୍ଧର ମରାମତି ତତ୍କାଳ କରା ନ ଯାଏ, ତେବେ ହଳଦିଡିହ, କୁସୁନପୁର, ବାଙ୍ଗରା ପଞ୍ଚାୟତର ଗୁଣ୍ଡୁରିପଡା ଗାଁ ସମେତ ଦଶରଥପୁର ବ୍ଲକର ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଟେକ୍ନିକାଲ ଅଡିଟ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଏହାସହିତ ବିଭାଗୀୟ ମନ୍ତ୍ରୀ ସିଧାସଳଖ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିରୁଦ୍ଧ ରାଉଳଙ୍କୁ ପଚାରିବାରେ ସେ କହିଛନ୍ତି, ବନ୍ଧ ପୂର୍ବରୁ ମଧ୍ୟ ଦବୁଥିଲା ଏବଂ ସେ ଉପସ୍ଥିତ ନ ଥିବା ବେଳେ ଏହି ଘଟଣା ଘଟିଛି। ଅନ୍ୟପଟେ ଏସଡିଓ ଚୈତନ୍ୟ ଜେନା କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। ଉକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ପଦକ୍ଷେପ ନିଆଯିବ।


## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମଠାରେ ମହାସମାରୋହରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ସ୍ୱା./- ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

## ଟେଣ୍ଡର ନୋଟିସ୍

**ଗୋରଖନାଥ ମହାପ୍ରଭୁ, ଛପଡା (କେରେକେରା)
ଜି-ଜଗତ୍‌ସିଂହପୁର**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ମସିହା ପାଇଁ ତା.୦୭.୦୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ ଦୋକାନ ପାଇଁ ତା.୦୪.୦୪.୨୦୨୬ ରିଖ ଶନିବାର ଦିନ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟଠାରେ ପୁନର୍ବାର ନିଲାମ କରାଯିବ ।

ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା.୦୨.୦୪.୨୦୨୬ ରିଖଠାରୁ ତା.୦୩.୦୪.୨୦୨୬ ରିଖ ଦିବା ୧୧ ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ ।

ଟେଣ୍ଡର ଫର୍ମ ସହିତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କ ନାମରେ ଥିବା ସାଁପୁର ଷ୍ଟେଟ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.30252661878 କିମ୍ବା ସହରହାଟ ମୂଳିସିଂହ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.347801000002220 ରେ ଭୋଗ ଓ ଦୀପ ଦୋକାନ ପାଇଁ ଅମାନତ ଦୁଇଲକ୍ଷ ଟଙ୍କା ଜମାକରି ବ୍ୟାଙ୍କ ଜମା ରସିଦ୍ ଟଙ୍କାର ପ୍ରମାଣପତ୍ର ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାଙ୍କ ଜମା ରସିଦ ଦେଖାଇ ଏବଂ ମନ୍ଦିରରୁ ପାଇଥିବା ରସିଦ ତା.୦୪.୦୪.୨୦୨୬ ରିଖ ଦିବା ୧୨ ଘଟିକା ମଧ୍ୟରେ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ପକାଇବେ । ତା.୦୪.୦୪.୨୦୨୬ ରିଖ ଦିବା ଘ ୧୨.୩୦ ମି. ସମୟରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ଫର୍ମ ପକାଇଲା ବେଳେ EMD (Earnest Money Deposit) ଧାର୍ଯ୍ୟ ଟେଣ୍ଡର ମୂଲ୍ୟର ୧୦% ଟଙ୍କା ଉପରୋକ୍ତ ବ୍ୟାଙ୍କରେ ଜମା କରି ରସିଦ୍ ସହ ଟେଣ୍ଡର ପକାଇବେ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ ମନ୍ଦିର
ଛପଡା (କେରେକେରା)

## ଯୁବ ଆଇନଜୀବୀଙ୍କ ପରଲୋକ

ମାର୍ଶାଘାଇ,୩୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ କୁମ୍ଭାରସାହି ବାସିନ୍ଦା ଯୁବ ଆଇନଜୀବୀ ତଥା କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ୍ କୋର୍ଟରେ ସରକାରୀ ଆଇନଜୀବୀ, ମାର୍ଶାଘାଇ କଲେଜ ଛାତ୍ର ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଭାତ ରଞ୍ଜନ ଦାସ (୪୮)ଙ୍କ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ମଣିଷ ଭାବେ ମାର୍ଶାଘାଇ ସମେତ କେନ୍ଦ୍ରାପଡ଼ାରେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ମାର୍ଶାଘାଇ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ କାର୍ଯ୍ୟରତ ଆଇନଜୀବୀଙ୍କ ପକ୍ଷରୁ ମଙ୍ଗଳବାର ଏକ ଶୋକସଭା ଆଇନଜୀବୀ ବିଚିତ୍ରାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶଙ୍କର୍ଷଣ ରାଉତ, ଯଶୋବନ୍ତ ରାଉତ, ବିଚିତ୍ରାନନ୍ଦ ରାଉତ, ଦିଲୀପ କୁମାର ସ୍ୱାଇଁ, ପ୍ରତାପ ନାୟକ, ସୁଶାନ୍ତ ମହାପାତ୍ର, ପ୍ରବୀର ଦାସ, ଅଭିମନ୍ୟୁ ମଲିକ, ଅତୁଲ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ଜିଲ୍ଲା ମହୋତ୍ସବ କଲ୍ଲୋଳର ଅତିଥିଙ୍କୁ ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର, ୩୧।୩ (ପ୍ରମୋଦ କୁମାର ନାୟକ)

■ ହେବ ନାହିଁ ବଲିଉଡ୍ ନାଇଟ୍
■ ଗତବର୍ଷ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୨ ମନ୍ତ୍ରୀ

ଓଡ଼ିଶା ଦିବସ ଓ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏନେଇ ପ୍ରସ୍ତୁତି ଏକପ୍ରକାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାରଠାରୁ କାର୍ଡବଣ୍ଟା ଆରମ୍ଭ ହେଲା ପରେ ମହୋତ୍ସବର ଅତିଥିଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଗତବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ୨ ମନ୍ତ୍ରୀ ଯଥା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲାର ଏକାଧିକ ବିଧାୟକ, ଏମ୍‌ପି , ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। କିନ୍ତୁ ଚଳିତବର୍ଷ ୫ ଦିନିଆ ଏହି ମହୋତ୍ସବରେ ଜିଲା ବାହାରୁ କେବଳ ଜଣେ ଅର୍ଥାତ୍ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ସମସ୍ତ ଅତିଥି ଜିଲା ଭିତରର ହୋଇଥିବାରୁ ସନ୍ଧ୍ୟାର ସାଧାରଣ ସଭା ଲୋକଙ୍କୁ ଆକର୍ଷିତ କରିବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ବଡ଼କଥା ହେଲା, ୩ ଦିନ ଧରି ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେବା କଥା ସାଧାରଣରେ ହଜମ ହେଉନାହିଁ। ନିମନ୍ତ୍ରଣ କାର୍ଡ ଦେଖିଲେ ଜଣାଯାଏ, ତରାଇ ଉଦ୍‌ଘାଟନୀ ସନ୍ଧ୍ୟା ତଥା ଓଡ଼ିଶା ଦିବସ, ୩ ତାରିଖ ଜିଲା ପ୍ରତିଷ୍ଠା ଦିବସ ଓ ୫ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ଅତିଥି, ଜିଲା ପ୍ରତିଷ୍ଠା ଦିବସ ଓ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଉପରୋକ୍ତ ୩ ଦିନ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ସମେତ ଅନ୍ୟମାନଙ୍କୁ ସମ୍ମାନିତ ଅତିଥି ଓ ଜିଲାପାଳ ତଥା ଜିଲା ସଂସ୍କୃତି ଅଧିକାରୀ ଜେ. ସୋନାଲଙ୍କୁ ସଭାପତି କରାଯାଇଛି। ଜିଲାର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଯେଉଁମାନେ ରାଜ୍ୟ ତଥା ବାହାରେ ସୁନାମ ଅର୍ଜନ କରିଥିଲେ ସୁଦ୍ଧା ସେମାନଙ୍କୁ ମହୋତ୍ସବରେ ଅତିଥି କରାଯାଇନାହିଁ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାବାଦ୍ ଗତବର୍ଷ ବଲିଉଡ୍ ନାଇଟ୍ ହୋଇଥିବାବେଳେ ଏଥର ବାତିଲ କରାଯାଇଛି। କିନ୍ତୁ ମହୋତ୍ସବକୁ ଆକର୍ଷିତ କରିବା ପାଇଁ ରାଜ୍ୟର କେତେକ ସ୍ୱନାମଧନ୍ୟ କଳାକାର, କଣ୍ଠଶିଳ୍ପୀ ଯଥା ଅନ୍ତରା ଚକ୍ରବର୍ତ୍ତୀ, ଇରା ମହାନ୍ତି, ପ୍ରଜ୍ଞା, ତାରିକ ଅଜିଜ୍, ପପୁ ପମ୍‌ପମ୍, ଶଶାଙ୍କ ଶେଖର, ମଣ୍ଟୁ ଛୁରିଆ ପ୍ରମୁଖଙ୍କୁ ଷ୍ଟେଜ ଶୋ' କରିବା ପାଇଁ ସୁଯୋଗ ଦିଆଯାଉଛି।

ପ୍ରକାଶ ଯେ, ଜିଲା ମହୋତ୍ସବ ଆୟ, ବ୍ୟୟ ହିସାବ ସାର୍ବଜନୀନ କରାଯାଇ ନ ଥିବାରୁ ଜଗତ୍‌ସିଂହପୁର ବିଧାୟକ ଦାସ ଜିଲାପାଳଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ। ଏନେଇ ତୁମ୍ବୀତୋଫାନ ହୋଇଥିଲା। ଚଳିତ ମହୋତ୍ସବ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଔପଚାରିକତା ପାଇଁ ଜିଲା ସଂସ୍କୃତି ଅଧିକାରୀ ଆୟ, ବ୍ୟୟ ହିସାବ ଦେଇଥିଲେ ସୁଦ୍ଧା ଆଲୋଚନା ଉପରେ ଜିଲାପାଳ ଅଙ୍କୁଶ ଲଗାଇ ପ୍ରସଙ୍ଗକୁ ଚାପି ଦେବାକୁ ଚେଷ୍ଟା କରିଥିଲେ। ଏନେଇ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ଦିନ ଧରି ବିଧାୟକ ଦାସ ଓ ଏମ୍‌ପି ତରାଇଙ୍କ ଭିତରେ ବିବାଦ ଥିବାନେଇ ଅନେକ ସମୟରେ ରାଜନୈତିକ ଚର୍ଚ୍ଚା ହେଉଛି। ଉକ୍ତ ବୈଠକରେ ବିଧାୟକ ଦାସ ଅନୁପସ୍ଥିତ ଓ ଏମ୍‌ପିଙ୍କ ଉପସ୍ଥିତି ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଏବେ ମହୋତ୍ସବରେ ଏମ୍‌ପିଙ୍କୁ ୩ ଦିନ ମୁଖ୍ୟବକ୍ତା କରାଯିବା ପ୍ରସଙ୍ଗ ପୁଣି ଆଲୋଚନାର ବିଷୟ ହୋଇଛି। ଶାସକ ଭାଜପାରେ ଗୋଷ୍ଠୀକନ୍ଦଳ ଓ ସାମ୍ପ୍ରତିକ ରାଜନୈତିକ ଚିତ୍ର ମହୋତ୍ସବ ଉପରେ ପ୍ରଭାବ ପକାଉଥିବା କେତେଜଣ ରାଜନୈତିକ ସମୀକ୍ଷକ ପ୍ରକାଶ କରିଛନ୍ତି।

## ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜନଗର, ୩୧।୩(ଭାସ୍କର ରାଉତରାୟ)

ଭିତରକନିକା ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ବେଳେ ଉତ୍ତେଜନା ଓ ବନ ବିଭାଗର କର୍ମଚାରୀଙ୍କୁ ଘେରି ମାଲିକମାନଙ୍କ ମାଡ଼ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଉତ୍ତେଜନା ଭିତରେ ଭିତରକନିକାର ସୁରକ୍ଷା ପାଇଁ ସମସ୍ତ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ଦାବି ହୋଇଛି। ଭିତରକନିକାକୁ ସୁରକ୍ଷିତ ରଖିବାକୁ ଗହୀରମଥା ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନ୍‌ଗ୍ରୋଭ କଞ୍ଜରଭେଶନ ସୋସାଇଟିର ସଭାପତି ସତ୍ୟ ପ୍ରକାଶ ମହାନ୍ତି ଓ ସମ୍ପାଦକ ହେମନ୍ତ କୁମାର ରାଉତ ରାଜନଗର ଡିଏଫ୍‌ଓଙ୍କୁ ଭେଟି ଦାବିପତ୍ର ଦେବାସହ ଘେରି ସମ୍ପୂର୍ଣ୍ଣ ଉଚ୍ଛେଦ କରନ୍ତୁ ନଚେତ୍ ଆନ୍ଦୋଳନକୁ ସୋସାଇଟି ଓହ୍ଲାଇବ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି।

ଗହୀରମଥା ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନ୍‌ଗ୍ରୋଭ କଞ୍ଜରଭେଶନ ସୋସାଇଟି ପକ୍ଷରୁ ଦାବିପତ୍ରରେ ଭିତରକନିକା କେବଳ ଓଡ଼ିଶା କି ଭାରତର ନୁହେଁ, ସାରା ପୃଥିବୀର ଅମୂଲ୍ୟ ସମ୍ପଦ। ଭିତରକନିକା ନଦୀନାଳରେ ପ୍ରାୟ ୨୦୦୦ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି, ଯେଉଁଥିପାଇଁ ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ହେଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟ ଚିଙ୍ଗୁଡି ଘେରି ଉଚ୍ଛେଦ କରିବାକୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରୁନି। ଓଡ଼ିଶା ସରକାରଙ୍କ ଆନ୍ତରିକତା ନ ଥିବା ମଧ୍ୟ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନ ହେବାର କାରଣ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭିତରକନିକା ଚାରିପାଖରେ ଥିବା ଚିଙ୍ଗୁଡି ଘେରିରେ ସାର, ଔଷଧ ପ୍ରୟୋଗ କରାଯାଉଛି। ଅଞ୍ଚଳରୁ ଚିଙ୍ଗୁଡି ଘେରି ସମ୍ପୂର୍ଣ୍ଣ ଉଚ୍ଛେଦକରି ଭିତରକନିକାକୁ ସଙ୍କଟରୁ ଉଦ୍ଧାର କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ନଚେତ୍ ବଡ଼ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି।

## ଇନୋଭେଶନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ରାଜନଗର,୩୧।୩ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଇନୋଭେଶନ ଆଣ୍ଡ ଷ୍ଟାଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ କୁମାର ଦାସ ଉଦ୍‌ଘାଟନ କରିବା ସହିତ ଷ୍ଟାଟଅପର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବେ ଭିତରକନିକା ବ୍ୟବସାୟିକ ମୁଖ୍ୟ ସଂଘମିତ୍ରା ଜେନା ଯୋଗଦେଇ ୨୦୦୮ରେ ସେ ତାଙ୍କର ପ୍ରଥମ ଷ୍ଟାଟଅପ ଭାବେ ଭିତରକନିକା ନେଚର କ୍ୟାମ୍ପ ଆରମ୍ଭ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ଅଭିମନ୍ୟୁ ରାଉତ ଷ୍ଟାଟଅପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଷ୍ଟାରଟେକର ମୁଖ୍ୟ ପୁରାତନ ଛାତ୍ର ପ୍ରଣବ କୁମାର ପାତ୍ର ଓ ବିଭାସ ରଞ୍ଜନ ମହାନ୍ତି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫ ଟି ଷ୍ଟଲ ପଡିଥିଲା। ସେଥିରୁ ଶୁଭସ୍ମିତା ଜେନା, ଅଙ୍କନ ନାୟକ, ଅର୍ଚ୍ଚିତା ସ୍ୱାଇଁ ଏବଂ ସେମାନଙ୍କ ଟିମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ରାଜଶ୍ରୀ ସାମନ୍ତ,ଅନୁସୂୟା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ୧୩ ଚାଷୀନେତାଙ୍କୁ ଜେଲରୁ ମୁକ୍ତ ଦାବିରେ ଧାରଣା, ଅନଶନ


ଧାରଣାରେ ବସିଥିବା ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ।

ଜଗତ୍‌ସିଂହପୁର, ୩୧।୩ (ପ୍ରମୋଦ କୁମାର ନାୟକ)

### ମଣ୍ଡିରେ ଧାନ ବିକ୍ରିରୁ ବଞ୍ଚିତ ହେବେ ୧୦ ହଜାର ଚାଷୀ

ସମସ୍ତ ଚାଷୀଙ୍କ ଧାନ କିଣାଯିବା ଦାବିରେ ଗତ ୨୨ ତାରିଖରୁ କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠରୁ କୃଷକ ଅଧିକାର ପଦଯାତ୍ରା ଆରମ୍ଭ ହୋଇଥିଲା। ମାତ୍ର ରାଜ୍ୟ ସରକାର ପଦଯାତ୍ରାକାରୀଙ୍କ ଉପରେ ଦମନଲୀଳା କରିଛନ୍ତି। ପଦଯାତ୍ରାର ୯ମ ଦିନ ଅସାମ୍ବିଧାନିକ ଭାବେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହ ସଂଯୁକ୍ତ କିଶାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ରାକେଶ ଟିକାୟତ, ବିହାର ରାଜ୍ୟର ପୂର୍ବତନ ଲୋକ ସଭା ସଦସ୍ୟ ସୁଧାକର ସିଂହ, ଉତ୍ତର ପ୍ରଦେଶର ବିଶିଷ୍ଟ ସାମାଜିକ କର୍ମୀ ଅରବିନ୍ଦ ମୂର୍ତ୍ତି, ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଯୁବ, ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ୧୩ ଜଣ ଚାଷୀ ନେତାଙ୍କୁ ଗିରଫ କରି ଚୌଦ୍ୱାର ଜେଲ ପଠାଇ ଦେଇଛନ୍ତି। ଏ ସମସ୍ତ ଚାଷୀ ନେତାଙ୍କୁ ନିଃସର୍ତ୍ତ ମୁକ୍ତ କରିବା ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ପୋର୍ଟିକ ତଳେ ଧାରଣା ଓ ଅନଶନ ଆରମ୍ଭ କରାଯାଇଛି। ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସତ୍ୟାଗ୍ରହରେ ପ୍ରମୋଦ ଦାଶ, ରଘୁନାଥ ନାୟକ ଅନଶନ କରୁଥିବାବେଳେ ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ଦୁର୍ଗାଚରଣ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡ଼ା, ସ୍ନେହାଂଶୁ ଜେନା, ବିଜୟ ପତି ପ୍ରମୁଖ ଧାରଣାରେ ବସିଛନ୍ତି। ଅପରପକ୍ଷେ ମଣ୍ଡିଗୁଡ଼ିକରେ ପାଖାପାଖି ୧୦ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରି ନ ପାରି ଚିନ୍ତାରେ ରହିବା ସହ ଆଗାମୀ ଦିନରେ କୁଇଣ୍ଟାଲ ପିଛା ୧୫୦୦ ଟଙ୍କା ଲେଖାଏ କ୍ଷତିରେ ବିକିବାକୁ ବାଧ୍ୟ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଏବଂ ପ୍ରଶାସନର ମନମୁଖି କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ତେଣୁ ସରକାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବା ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ନେତାମାନେ କହିଛନ୍ତି।

## ଚାକିରିରୁ ବିଦାୟ ଏକ ଚିରନ୍ତନ ସତ୍ୟ

ମାର୍ଶାଘାଇ, ୩୧।୩(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟାପକ-କର୍ମଚାରୀ ସଂଘ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡ. ଶଶିକାନ୍ତ ନାୟକଙ୍କୁ ଗାନ୍ଧୀ ଭବନ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ଜ୍ଞାପନ କରାଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲାର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ସଂଘର ଯୁଗ୍ମ ସମ୍ପା A ଦକ ଅଜିତ୍ କୁମାର ବାରିକ, ପ୍ରାଧ୍ୟାପକ ଡ. ପ୍ରଭାତ ରଞ୍ଜନ ଲେଙ୍କା, ଅଧ୍ୟାପକ ଦୀପକ କୁମାର ମହାନ୍ତି, ଡ. ଲକ୍ଷ୍ମଣ ବୈରାଗୀ ପ୍ରମୁଖ ଯୋଗଦେଇ ଚାକିରି ଜୀବନରୁ ବିଦାୟ ନେବା ଏକ ଚିରନ୍ତନ ସତ୍ୟ। ବିଦାୟୀ ଅଧ୍ୟକ୍ଷ ଡ. ନାୟକଙ୍କ ୩୬ ବର୍ଷର ବୃତ୍ତିଗତ ଜୀବନ ସମ୍ପର୍କରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଡ. ନାୟକଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର, ପୁଷ୍ପଗୁଚ୍ଛ, ଉପହାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଅଭିଭାଷଣରେ ମହାବିଦ୍ୟାଳୟ ପ୍ରତି ଦୁର୍ବଳତା ଅନୁଷ୍ଠାନ ପ୍ରଗତିର ଚାବିକାଠି ବୋଲି ଡ. ନାୟକ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷ ଡ. ନାୟକଙ୍କଠାରୁ ପ୍ରାଧ୍ୟାପକ ବିପିନ ବିହାରୀ ନାଥ ଅଧ୍ୟକ୍ଷଭାର ଗ୍ରହଣ କରିଥିଲେ। ଶେଷରେ ଉପସଭାପତି ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।


ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ।

## ଆତ୍ମବିଶ୍ୱାସ ସଫଳ ଉଦ୍ୟୋଗୀ କରିବ

### ରେଢୁଆ ବିସି କଲେଜରେ ନବ ପ୍ରବର୍ତ୍ତନ ଓ ନୂତନ ଉଦ୍ୟୋଗ କାର୍ଯ୍ୟକ୍ରମ



ଆୟୋଜିତ ସଭାରେ ସାଧନ ବିଶେଷଜ୍ଞ ବକ୍ତବ୍ୟ ରଖୁଛନ୍ତି ।

ରଘୁନାଥପୁର, ୩୧ ।୩(ରାଜେନ୍ଦ୍ର ନାରାୟଣ ସିଂହ)

ସରକାରଙ୍କ ଜାତୀୟ ଶିକ୍ଷାନୀତି ୨୦୨୦ ପାଠ୍ୟକ୍ରମକୁ ଆଧାର କରି ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ନବ ପ୍ରବର୍ତ୍ତନ ଓ ନୂତନ ଉଦ୍ୟୋଗ ସମ୍ପର୍କିତ ଆଲୋଚନା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ବିଭାଗ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସଫଳ ଉଦ୍ୟୋଗୀ ତଥା କୃଷିଭିତ୍ତିକ ଅନୁଷ୍ଠାନ ଲାଲ୍‌ର ସମ୍ପାଦକ କ୍ଷେତ୍ରମୋହନ ବେହେରା ସାଧନ ବିଶେଷଜ୍ଞ ଭାବେ ଯୋଗଦେଇ ଉଦ୍ୟାନ କୃଷି ଓ ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଦୃଢ଼ ନିଷ୍ଠା ଓ ଆତ୍ମବିଶ୍ୱାସ ସଫଳ ଉଦ୍ୟୋଗୀ କରାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍ୟାନ ବିଭାଗ ଅଧ୍ୟାପକ ମନୋଜ କୁମାର ଦାସ ନୂତନ ଉଦ୍ୟୋଗ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯୁକ୍ତ ୩ କଲେଜ ଅଧ୍ୟକ୍ଷା ସ୍ମିତାରାଣୀ ପ୍ରଧାନ ସଫଳତାର ମନ୍ତ୍ର ସମ୍ପର୍କରେ ବକ୍ତବ୍ୟ ରଖି ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ସରୋଜକାନ୍ତ ମିଶ୍ର, ଅଧ୍ୟାପିକା ସୁଜାତା ଦାସ, ସୌମ୍ୟାଶ୍ରୀ ମହାନ୍ତି, ସ୍ୱାଗତିକା ଦାସ ଓ କର୍ମଚାରୀ ବାବୁଲି ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ଲାଷ୍ଟିକ୍ ମାଟିରେ ପୋତିହୋଇ ଜଳଧାରଣ ହ୍ରାସ

ପଟ୍ଟାମୁଣ୍ଡାଇ, ୩୧।୩ (କଳ୍ପତରୁ ନାୟକ)

### ପଟ୍ଟାମୁଣ୍ଡାଇ ପୌରାଞ୍ଚଳ



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ପ୍ଲାଷ୍ଟିକର ବ୍ୟବହାର ବହୁଳ ଭାବରେ ବଢ଼ିଚାଲିଛି। ସହର ସାରା କୁଢ଼ କୁଢ଼ ପ୍ଲାଷ୍ଟିକ ଅଳିଆ ଓ ଆବର୍ଜନା ପଡ଼ି ରହୁଥିବା ବେଳେ ଏହାକୁ ଉଠା ଯାଉ ନ ଥିବା ଦେଖିବାକୁ ମିଳିଛି। ଅନେକ ସଫେଇ କର୍ମୀ ଗୋବରୀ ନଦୀ ଓ କେନାଲ ପାର୍ଶ୍ୱରେ ଏହାକୁ ଫିଙ୍ଗି ଦେଉଛନ୍ତି। ବର୍ଷା ହେଲେ ବା କେନାଲ ପାଣିରେ ଏହା ଭାସି ଚାଷ କ୍ଷେତରେ ପହଞ୍ଚୁଛି। ପ୍ଲାଷ୍ଟିକଜାତ ପଦାର୍ଥ ମାଟିରେ ପୋତି ହୋଇ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟାଉଛି। ଭୂତଳ ଜଳ ଉତ୍ସର ଅବକ୍ଷୟ ମଧ୍ୟ ଘଟୁଛି। ପ୍ଲାଷ୍ଟିକ ଆବର୍ଜନା ସ୍ୱରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରୁଛି। ଏହି ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହାକୁ ଯଦି ନିୟନ୍ତ୍ରଣ କରା ନ ଯାଏ ତେବେ ଆଗାମୀ କିଛି ବର୍ଷ ଭିତରେ ପ୍ଲାଷ୍ଟିକ ପ୍ରଦୂଷଣ ତାହାର କାୟା ଆହୁରି ବିସ୍ତାର କରିବ। ଏ ନେଇ ପୌର ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରେ ଆଗକୁ ସହରରେ ଜୋରଦାର ଯାଞ୍ଚ କରାଯାଇ ପ୍ଲାଷ୍ଟିକ ରଖୁଥିବା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ


ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଆଳି, ୩୧।୩(ବନମାଳୀ ସେନାପତି)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଳି ସେବାକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ଅରଗଳ ପଞ୍ଚାୟତରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅରଗଳ ପଞ୍ଚାୟତ କାର୍ଯ୍ୟାଳୟ,ବିଦ୍ୟାଳୟ ଓ ଗ୍ରାମ୍ୟ ରାସ୍ତା ସଫାଇ କରାଯାଇଥିଲା। ଏଥିସହ ଗାଁ ରାସ୍ତାରେ ଥିବା ଅନେକ ଖାଲଗୁଡିକରେ ମାଟି ପକାଇ ସମତୁଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଳି ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ସଂଯୁକ୍ତା ଭଉଣୀଙ୍କ ତତ୍ତ୍ୱାବଧାନରେ ୫୦ ଜଣ ବ୍ରହ୍ମା କୁମାର ଓ କୁମାରୀଙ୍କ ସହଯୋଗ ରହିଥିବାବେଳେ ଗ୍ରାମର ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ବ୍ରହ୍ମା କୁମାରୀ ସେବକେନ୍ଦ୍ର ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମ କୁମାରୀ ସ୍ୱର୍ଣ୍ଣ, ଅନିତା, ମାମା, ନୀତି, ବନ୍ଦନା, ଲିଲି, ସଙ୍ଗୀତା, ଶ୍ରଦ୍ଧା, ପୂର୍ବତନ ସମିତି ସଭ୍ୟା ସନ୍ଧ୍ୟାରାଣୀ ଦାସ, କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗର ଏଏସ୍‌ଆଇ ସୁନୀଲ କୁମାର ମିଶ୍ର, ନଟବର ମଲ୍ଲିକ, ଉମେଶ ଦାସ, ନବୀନ ନାୟକ, କୈଳାସ କୁଅଁର, ପୂର୍ଣ୍ଣଚନ୍ଦ୍ର ଗାହାଣଙ୍କ ସମେତ ଆଶ୍ରମର ମା'ମାନେ ସହଯୋଗ କରିଥିଲେ।

## ରାସ୍ତାକାମ ନିମ୍ନମାନର, ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନାଉଗାଁ,୩୧।୩(ସୁଧା ବେହୁରା)



### ନାଉଗାଁ ବ୍ଲକ ଡେରିକି - ଓଷକଣାକୁ ସଂଯୋଗ ରାସ୍ତା
■ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତିରେ ଚାଲିଛି କାର୍ଯ୍ୟ

ନାଉଗାଁ ବ୍ଲକ ଡେରିକି-ଓଷକଣାକୁ ସଂଯୋଗ କରୁଥିବା ରାସ୍ତାଟି ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲା। ଏହି ରାସ୍ତା ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀନରେ ରହିଛି। ରାସ୍ତାରେ ଯାତାୟାତ କରିବା ପାଇଁ ସମସ୍ୟା ସୃଷ୍ଟି ହେବାରୁ ବିଭାଗ ଦ୍ୱାରା ଏହି ରାସ୍ତା ମରାମତି କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତା କାର୍ଯ୍ୟ ରାତିରେ ଚାଲିଥିବାବେଳେ ଯନ୍ତ୍ରୀ ଅନୁପସ୍ଥିତ ରହୁଛନ୍ତି। ଏହି ରାସ୍ତା ମରାମତି କାର୍ଯ୍ୟ କରିବା ପାଇଁ ବିଧାୟକଙ୍କ ସିଡବ୍ଲୁସି ପାଣ୍ଠିରୁ ଅନୁଦାନ ପ୍ରଦାନ କରାଯାଇଛି। ନିଯୁକ୍ତ ଠିକାଦାର କିଛିଦିନ ତଳେ ଓଷକଣା ନଦୀ ବନ୍ଧଠାରୁ ଭଟଣା ପର୍ଯ୍ୟନ୍ତ ରାସ୍ତା ମରାମତି କରିଥିଲେ। ମାତ୍ର ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଏହାସତ୍ତ୍ୱେ ନାମକୁମାତ୍ର ରାସ୍ତା କାର୍ଯ୍ୟ କରି ଠିକାଦାର କାର୍ଯ୍ୟ ଶେଷ କରିଥିଲେ। ପୁନର୍ବାର ୨ଦିନ ପୂର୍ବେ ଡେରିକି ବାଲିଚନ୍ଦ୍ରପୁରଠାରୁ ଭଟଣା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରାଯାଇଛି। ସମ୍ପୃକ୍ତ ଠିକାଦାର ରାତିରେ ନିମ୍ନମାନର ପିଚୁ ପକାଇଥିବା ବେଳେ ପିଚୁ ଉପରେ ବାଲିପକା କାର୍ଯ୍ୟ ଶେଷ କରିଛି। କିନ୍ତୁ ସକାଳ ସମୟରେ ଉକ୍ତ ରାସ୍ତାରେ ଯାନବାହନ ଯିବାବେଳେ ରାସ୍ତାରୁ ସମ୍ପୂର୍ଣ୍ଣ ପିଚୁ ଉଠିଯାଇଥିଲା। ଏହି ରାସ୍ତା ଉପରେ ଓଷକଣା, ଡେରିକି, କୋରୁଅ ସମେତ ପୁରୀ ଜିଲାର କିଛି ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ପ୍ରତ୍ୟହ ଏହି ରାସ୍ତାରେ ଭାରିଯାନ ଓ ଯାତ୍ରୀବାହୀ ଯାନ ଯାତାୟାତ କରିଥାଏ। ସ୍ଥାନୀୟ ଅଞ୍ଚଳରେ ରାସ୍ତାର ଗୁରୁତ୍ୱ ଥିବାବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଷକଣା ପଞ୍ଚାୟତ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ମୁଦୁଲି ପ୍ରମୁଖ ରାସ୍ତା କାର୍ଯ୍ୟ ପୁନର୍ବାର କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ କାର୍ଯ୍ୟ ଖରାପ ହୋଇଥିଲେ ପୁନର୍ବାର କରାଯିବ ବୋଲି କହିଛନ୍ତି।

## ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମଠାରେ ମହାସମାରୋହରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ସ୍ୱା./- ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

## ଟେଣ୍ଡର ନୋଟିସ୍

### ଗୋରଖନାଥ ମହାପ୍ରଭୁ, ଛପଡା (କେରେକେରା)
### ଜି-ଜଗତ୍‌ସିଂହପୁର

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ମସିହା ପାଇଁ ତା.୦୭.୦୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ ଦୋକାନ ପାଇଁ ତା.୦୪.୦୪.୨୦୨୬ ରିଖ ଶନିବାର ଦିନ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟଠାରେ ପୁନର୍ବାର ନିଲାମ କରାଯିବ ।

ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା.୦୨.୦୪.୨୦୨୬ ରିଖଠାରୁ ତା.୦୩.୦୪.୨୦୨୬ ରିଖ ଦିବା ୧୧ ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ ।

ଟେଣ୍ଡର ଫର୍ମ ସହିତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କ ନାମରେ ଥିବା ସାଁପୁର ଷ୍ଟେଟ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.30252661878 କିମ୍ବା ସହରହାଟ ମୂଳିସିଂହ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.347801000002220 ରେ ଭୋଗ ଓ ଦୀପ ଦୋକାନ ପାଇଁ ଅମାନତ ଦୁଇଲକ୍ଷ ଟଙ୍କା ଜମାକରି ବ୍ୟାଙ୍କ ଜମା ରସିଦ୍ ଟଙ୍କାର ପ୍ରମାଣପତ୍ର ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାଙ୍କ ଜମା ରସିଦ ଦେଖାଇ ଏବଂ ମନ୍ଦିରରୁ ପାଇଥିବା ରସିଦ ତା.୦୪.୦୪.୨୦୨୬ ରିଖ ଦିବା ୧୨ ଘଟିକା ମଧ୍ୟରେ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ପକାଇବେ । ତା.୦୪.୦୪.୨୦୨୬ ରିଖ ଦିବା ଘ ୧୨.୩୦ ମି. ସମୟରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ଫର୍ମ ପକାଇଲା ବେଳେ EMD (Earnest Money Deposit) ଧାର୍ଯ୍ୟ ଟେଣ୍ଡର ମୂଲ୍ୟର ୧୦% ଟଙ୍କା ଉପରୋକ୍ତ ବ୍ୟାଙ୍କରେ ଜମା କରି ରସିଦ୍ ସହ ଟେଣ୍ଡର ପକାଇବେ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ ମନ୍ଦିର
ଛପଡା (କେରେକେରା)

# ସୁସ୍ଥ ଗାଁ ପୁରସ୍କାର ବ୍ୟବସ୍ଥା ସତ୍ତ୍ୱେ ମିଳୁନି ସୁଫଳ

**ନୟାଗଡ଼,୩୧।୩(ଲୋକନାଥ ମିଶ୍ର)**

ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରତି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଏପରିକି ପ୍ରତିବର୍ଷ ବିଭିନ୍ନ ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଉଛି। ହେଲେ ନୟାଗଡ଼ ଜିଲାର ଅଧିକାଂଶ ରାଜସ୍ୱ ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କାହିଁକି ବଦଳୁନାହିଁ ବୋଲି ପ୍ରଶ୍ନ ଉଠିଛି। ଗାଁର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସରକାର ଖୋଲାପାଣ୍ଠି ବ୍ୟବସ୍ଥା କରି ୧୦ ହଜାର ଅନୁଦାନ ଯୋଗାଉଛନ୍ତି। ଏଭଳି ସ୍ଥଳେ ଅନୁଦାନ କେଉଁଥି ପାଇଁ ଖର୍ଚ୍ଚ ହେଉଛ ଗାଁ ଲୋକ ଜାଣିପାରୁ ନାହାନ୍ତି। ଫଳ ସ୍ୱରୂପ ଗାଁ କଲ୍ୟାଣ ସମିତି ଗଠନ ପ୍ରହସନରେ ପରିଣତ ହେଉଥିବା ଅଭିଯୋଗ ହୋଇ ଆସୁଛି।

ସୂଚନା ଅନୁସାରେ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଏକ ଅଂଶବିଶେଷ ଭାବେ ପ୍ରତ୍ୟେକ ରାଜସ୍ୱ ଗ୍ରାମସ୍ତରରେ ଏକ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ ସମିତି ଗଠନ କରାଯାଇଛି , ଯାହାକି ଗାଁ କଲ୍ୟାଣ ସମିତି ରୂପେ ପରିଚିତ। ଜିଲାରେ ୧୩୬୬ ଗାଁ କଲ୍ୟାଣ ସମିତି ରହିଛି। ଏଥିମଧ୍ୟରୁ ଭାପୁର ବ୍ଲକରେ ୧୧୪, ଗଣିଆ ବ୍ଲକରେ ୮୭, ଦଶପଲ୍ଲା ବ୍ଲକରେ ୨୪୬, ଖଣ୍ଡପଡା ବ୍ଲକରେ ୧୬୦, ନୂଆଗାଁ ବ୍ଲକରେ ୨୧୩, ନୟାଗଡ଼ ବ୍ଲକରେ ୧୪୦, ରଣପୁର ବ୍ଲକରେ ୨୧୩ ଓ ଓଡଗାଁ ବ୍ଲକରେ ୧୯୩ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଗାଁ କଲ୍ୟାଣ ସିମତି ଏକ ସରଳ ଓ ପ୍ରଭାବଶାଳୀ ପରିଚାଳନା ପ୍ରକ୍ରିୟା, ଯାହାକି ନିମ୍ନସ୍ତରର ଗ୍ରାମ ପ୍ରତିନିଧିଙ୍କୁ ନେଇ ଗଠନ ହୋଇଥାଏ। ଏହି ସମିତି ଗ୍ରାମର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟ ତଥା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଗୋଷ୍ଠୀର ଉନ୍ନତ ଅଭିଳାଷକୁ ସଫଳ ରୂପାୟନରେ ସହାୟକ ହୋଇପାରିବ।

ଏହି କମିଟି ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବଳ ଏବଂ ସମସ୍ୟାଗୁଡିକୁ ଚିହ୍ନଟ କରାଯାଇପାରିବ। ପରେ ଚିହ୍ନଟ ସମସ୍ୟାଗୁଡିକର ସମାଧାନ କରାଇବା ପାଇଁ ସମିତି ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯିବାର ରହିଛି। ଶେଷରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଉପଲବ୍ଧ ଖୋଲାପାଣ୍ଠି ମାଧ୍ୟମରେ ଯୋଜନାର ରୂପାୟନ କରାଯିବାର ରହିଛି। ଅନ୍ୟପକ୍ଷରେ ମାତୃ ଓ ଶିଶୁ

- ବଦଳୁନି ଗାଁର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା
- ଖୋଲାପାଣ୍ଠି ଅନୁଦାନର ଖର୍ଚ୍ଚ ନେଇ ଉଠିଛି ପ୍ରଶ୍ନ
- ଉଦ୍ଦେଶ୍ୟ ପୂରଣ କରିପାରୁନି ଗାଁ କଲ୍ୟାଣ ସମିତି

ମୃତ୍ୟୁହାର ହ୍ରାସ, ପରିବାର ନିୟୋଜନ, ପ୍ରସବକାଳୀନ ସେବା, କୈଶୋର ଏବଂ ପ୍ରଜନନ ସ୍ୱାସ୍ଥ୍ୟ, ପରିବେଶ, ପରିମଳ ଆଦି ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଏବଂ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ରହିଛି। ସେହିପରି ଗ୍ରାମ୍ୟ ଜୀବନକୁ ବିଭିନ୍ନ ସଂକ୍ରାମକ ରୋଗଠାରୁ ମୁକ୍ତ ରଖିବାର ବ୍ୟବସ୍ଥା ରହିଛି। ପୁଣି ପ୍ରତି ବର୍ଷ ବ୍ଲକସ୍ତରୀୟ ଶେଷ୍ଠ ବିବେଚିତ ଗାଁ କଲ୍ୟାଣ ସମିତି ୧୦ ହଜାର ଟଙ୍କା ପୁରସ୍କାର ପାଉଛି। ତେବେ ଗାଁଗୁଡିକର ଚିତ୍ର କାହିଁକି ବଦଳୁନାହିଁ ବୋଲି ପ୍ରଶ୍ନ ଉଠୁଛି। ଏନେଇ ରଣପୁରର ବିମଳା ସ୍ୱାଇଁ କୁହନ୍ତି, ଗାଁ କଲ୍ୟାଣ ସମିତିର କାମ କ'ଣ, କେତେ ଅନୁଦାନ ଆସୁଛି, କେଉଁ ବାଟରେ ଅର୍ଥ ଖର୍ଚ୍ଚ ହେଉଛି ସେନେଇ ସଚେତନତା କରାଯିବା ଦରକାର। ସଚେତନତା ନ ଥିବାରୁ ଖୋଲା ପାଣ୍ଠି କ'ଣ ହେଉଛି, କିଛି ଜଣା ପଡୁନାହିଁ। ତେବେ କାଗଜପତ୍ରରେ ଅନୁଦାନ ଖର୍ଚ୍ଚ ଚାଲିଛି। ନିଜକୁ ସୁହାଇବା ଭଳି କାମ ହେଉଛି। ଲୋକେ କ'ଣ କାମ ହେଉଛି ଜାଣିପାରୁ ନାହାନ୍ତି।

ବାଣିଗୋଛାର କେଶବ ଜେନା କୁହନ୍ତି, ମୋ ଗାଁରେ ଗାଁ କଲ୍ୟାଣ ସମିତି ରହିଛି। ହେଲେ ଗାଁ ରାସ୍ତା ସଫେଇ ହେଉନାହିଁ। ଗାଁ ରାସ୍ତାରେ ୨ ପାସ୍ କରାଯାଉଛି। ଗାଁରେ କେବେ ବ୍ଲିଚିଂ ପାଉଡର ପଡୁନାହିଁ। ଖୋଲାପାଣ୍ଠି ଅନୁଦାନରେ ଗାଁରେ କ'ଣ କାମ ହେଉଛି ସେମାନେ ଜାଣିପାରୁନାହାନ୍ତି। ତେବେ କାମ ନ କରି ସୁସ୍ଥ ଗାଁ ପୁରସ୍କାର ବିଭିନ୍ନ ଗାଁ କଲ୍ୟାଣ ସମିତି ନେଉଛନ୍ତି। ୫ ବର୍ଷ ଭିତରେ ସୁସ୍ଥ ଗାଁ ପୁରସ୍କାର ହାତେଇଥିବା ବିଭିନ୍ନ ଗାଁ କଲ୍ୟାଣ ସମିତି କାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣାପଡିବ ଗାଁର କିଭଳି ଉନ୍ନତି ହେଉଛି। କେଉଁ ଆଧାରରେ ଗାଁ କଲ୍ୟାଣ ସମିତି ପୁରସ୍କାର ପାଉଛି ତାହା ପ୍ରମାଣିତ ହୋଇଯିବ। ହେଲେ ଏହାର ତଦନ୍ତ କରାଯାଉନି ବୋଲି କହିଛନ୍ତି।

ନୟାଗଡ଼ର ସୁଧୀର ମହାପାତ୍ର କୁହନ୍ତି, ଗାଁ ମୁଣ୍ଡରେ ଗାଁ କଲ୍ୟାଣ ସମିତି ବୋର୍ଡ ଝୁଲୁଛି। କେତେ ଅନୁଦାନ ଆସୁଛି କେତେ ଖର୍ଚ୍ଚ ହେଉଛି, କ'ଣ କାମ ହେଉଛି କେହି ଜାଣି ପାରୁନାହାନ୍ତି। ଅନୁଦାନ ନେଇ ପଚାରିଲେ ଉତ୍ତର ମିଳୁନାହିଁ। ଫଳରେ ସୀମିତ ରହିଛି ଗାଁ କଲ୍ୟାଣ ସମିତିର କାର୍ଯ୍ୟ। ଏ ନେଇ ସିଡିଏମ୍‌ଓ ପୁଷ୍ପା ନୀଳିମା ଲାକ୍ରା କୁହନ୍ତି, ଗାଁ କଲ୍ୟାଣ ସମିତି ଅନୁଦାନ ଖର୍ଚ୍ଚରେ ସେପରି କିଛି ଅନିୟମିତତା ଅଭିଯୋଗ ଆସିନାହିଁ। କମିଟିର ନିଷ୍ପତ୍ତି ଅନୁସାରେ ଖୋଲା ପାଣ୍ଠି ଖର୍ଚ୍ଚ କରାଯାଉଛି। ପ୍ରତି ଗାଁ କଲ୍ୟାଣ ସମିତିକୁ ବର୍ଷକୁ ୧୦ ହଜାର ଟଙ୍କା ଖୋଲାପାଣ୍ଠି ପ୍ରଦାନ କରାଯାଉଛି। ପୁଣି ବ୍ଲକସ୍ତରୀୟ ଶେଷ୍ଠ ବିବେଚିତ ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାରରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ବନମାଳୀ ପ୍ରଧାନ କୁହନ୍ତି, ଗାଁ କଲ୍ୟାଣ ସମିତିର ଖୋଲାପାଣ୍ଠିର ଅନୁଦାନ ୧୦ ହଜାର ଟଙ୍କା ସମୁଦ୍ରକୁ ଶଙ୍ଖେ ହୋଇଥିଲେ ମଧ ଭଲ କାମ ଚାଲିଛି। ସରକାର ଏହାର ଅନୁଦାନ ରାଶି ବଢ଼ାଇବା ଦରକାର ବୋଲି କହିଛନ୍ତି ।

## ଘରୋଇ ଗ୍ୟାସ୍ ସିଲିଣ୍ଡର ହୋଟେଲରୁ ଜବତ



ଅଧିକାରୀମାନେ ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରୁଛନ୍ତି।

**ନୂଆଗାଁ, ୩୧।୩(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧିନ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗ ପରେ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବିଭିନ୍ନ ପ୍ରତିଷ୍ଠାନରେ ଚଢାଉ କରାଯାଇ ୫ ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଗ୍ୟାସ ସଙ୍କଟ ଦେଖା ଦେଇଛି। ଏପରିକି ଘରେ ରୋଷେଇ କରିବା ପାଇଁ ହିତାଧିକାରୀମାନେ ଗ୍ୟାସ ପାଉ ନାହାନ୍ତି। ଏଭଳି ସ୍ଥଳେ ନୂଆଗାଁ ଥାନା ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ତଥା ହୋଟେଲଗୁଡିକରେ ବ୍ୟବସାୟିକ ଗ୍ୟାସ ବ୍ୟବହାର ନ କରି ଘରୋଇ ଗ୍ୟାସ୍ ସିଲିଣ୍ଡରର ବହୁଳ ବ୍ୟବହାର କରି ବ୍ୟବସାୟୀମାନେ ଲାଭବାନ ହେଉଥିଲେ। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ସହ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସବୁ

### ପ୍ରଶାସନର ଚଢ଼ାଉ

ଜାଣି ନୀରବ ରହୁଥିଲେ। ତେବେ ଘରୋଇ ଗ୍ୟାସ ସଙ୍କଟ ସମୟରେ ବ୍ୟବସାୟିକ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ ବ୍ୟବହାରକୁ ରୋକିବା ଦିଗରେ ଦୃଷ୍ଟି ଦେବା ପାଇଁ ନୟାଗଡ଼ ଜିଲାପାଳ ମଧୁମିତା ରଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ବିଡିଓ ଅମୃତ କୁମାର ରାଉଳ, ଯୋଗାଣ ନିରୀକ୍ଷକ ଜୀବନ କୁମାର ବେହେରା, ବିଏସ୍‌ଏସ୍‌ଓ ସ୍ୱର୍ଣ୍ଣ ସାରିକା ଜେନା ଓ ପୋଲିସ ପ୍ରଶାସନ ବିଭିନ୍ନ ହୋଟେଲରେ ଚଢାଉ କରିଥିଲେ। ନୂଆଗାଁଠାରେ ଥିବା ହୋଟେଲ ନିଉ ଜନପଥ, ହୋଟେଲ ମାମା ଓ ହୋଟେଲ ତୃପ୍ତିରେ ଚଢାଉ କରାଯାଇଥିବା ବେଳେ ହୋଟେଲ ନିଉ ଜନପଥରୁ ୨ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଓ ହୋଟେଲ ମାମାରୁ ୩ ଗୋଟି ଘରୋଇ ସିଲିଣ୍ଡର ଜବତ କରାଯାଇ ନିକଟସ୍ଥ ଗ୍ୟାସ ଏଜେନ୍ସିକୁ ଜିମା ଦିଆଯାଇଥିବା ବିଡିଓ ରାଉଳ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ନୟାଗଡ଼, ୩୧।୩(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଇଟାମାଟି ଥାନା ମେଳାମ୍ବ ଗାଁରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ମମତା ନାୟକ(୪୭)। ସେ ଆଇରନ କଲାବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସହକାରୀ କୃଷି ଅଧିକାରୀ ପରୀକ୍ଷା
## ଓଡ଼ଗାଁର ମଳୟ ରାଜ୍ୟରେ ତୃତୀୟ

**ନୟାଗଡ଼, ୩୧।୩(ଲୋକନାଥ ମିଶ୍ର)**

ସହକାରୀ କୃଷି ଅଧିକାରୀ ପରୀକ୍ଷାରେ ରାଜ୍ୟରେ ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ପନ୍ତିଖାରୀ ଶାସନ ଗାଁର ମଳୟ ହୋତା ତୃତୀୟ ସ୍ଥାନ ଅଧିକାର କରି ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।



ପିଲାଟି ଦିନରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ରଘୁନାଥ ବିଦ୍ୟାପୀଠରୁ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସମ୍ମାନ ଜନକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ବଲପୁରରୁ ୨୦୨୫ ପରୀକ୍ଷାରେ ସଫଳତା ଅର୍ଜନ କରିଥିଲେ। ଗତ ଫେବୃଆରୀ ୧୯ ରେ ଅନୁଷ୍ଠିତ ସହକାରୀ କୃଷି ଅଧିକାରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ବାପା ଶିକ୍ଷକ ଦିଲ୍ଲୀପ କୁମାର ହୋତା ଏବଂ ମା' ଶିକ୍ଷୟିତ୍ରୀ ରଞ୍ଜୁଲତା ଦାଶ ପୁଅଙ୍କ ସଫଳତାରେ ଖୁସି ହୋଇଛନ୍ତି।

## ଗୋରୁ ଚାଲାଣ ବେଳେ ପୋଲିସର ଚଢ଼ାଉ, ୨ ଗିରଫ

**ଖଣ୍ଡପଡା,୩୧।୩(ଅଜୟ କୁମାର ମହାରଣା)**

ସିଧାମୂଳା ମହାନଦୀ ସେତୁ ଦେଇ କଟକ ଜିଲା ପଦାମାଳ ଗ୍ରାମକୁ ଏକ ଡାଲା ଅଟୋରେ ୪ ଗୋରୁ ଚାଲାଣ ବେଳେ କୌଣସି ସୂତ୍ରରୁ ସୂଚନା ପାଇ କଣ୍ଟିଲୋ ଫାଣ୍ଡି ପୋଲିସ ଅଚାନକ ଚଢ଼ାଉକରି ଗୋରୁ ବୋଝେଇ ଅଟୋ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ବଡବାଣପୁର ଗ୍ରାମର ସୁବ୍ରତ କୁମାର ପ୍ରଧାନ ଓ ଚୈତନ୍ୟପୁର ଗ୍ରାମର ବ୍ରଜବନ୍ଧୁ ପ୍ରଧାନଙ୍କୁ ଗିରଫ କରିଥିବା ବେଳେ ଗୋରୁ ବୋଝେଇ ଅଟୋ ଜବତକରି ସମ୍ପୃକ୍ତ ଗୋରୁଙ୍କୁ ଜବତ କରାଯାଇ ନିକଟସ୍ଥ ଗୋଶାଳାକୁ ହସ୍ତାନ୍ତର କରିଥିବା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କଠାରୁ ପ୍ରକାଶ। ଏ ନେଇ ନଂ. ୮୬/୨୬ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଚୈତ୍ର ମଙ୍ଗଳବାର ଓଷା ଉଦ୍‌ଯାପିତ

**ଖଣ୍ଡପଡ଼ା,୩୧।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ଓଡ଼ିଆଘର ମହିଳାମାନେ ସନ୍ତାନମାନଙ୍କ ମଙ୍ଗଳ କାମନାକରି ଚୈତ୍ର ମଙ୍ଗଳବାର ଓଷା ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ତିଥି ୪ର୍ଥ ପାଳିରେ ଉଦ୍‌ଯାପିତ ହୋଇ ଯାଇଥିବା ପରିଲକ୍ଷିତ ହୋଇଛି। ଗ୍ରାମ ସାହି ରାସ୍ତାକଡ ପୂଜାସ୍ଥଳରେ ଗାତ ଖୋଳି ତା' ଚାରିପାଖ ଗୋବରରେ ଲିପି ବିଭିନ୍ନ ରଙ୍ଗର ମୁରୁଜ ପକାଇବା ସହିତ ମହିଳାମାନେ ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ।

## ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା
# ସୂର୍ପଣଖା ନାସା ଛେଦନ, ସୀତାଚୋରି

**ଗଣିଆ,୩୧।୩(ସନ୍ତୋଷ କୁମାର ପ୍ରଧାନ)**

ଶ୍ରୀଶ୍ରୀରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମନବମୀଠାରୁ ଚାଲିଥିବା ଲଙ୍କାପୋଡି ଯାତ୍ରାର ମଙ୍ଗଳବାର ଥିଲା ୫ମ ସନ୍ଧ୍ୟା। ବିଧି ଅନୁସାରେ ସକାଳେ ମନ୍ଦିର ପୂଜାନୀତି ପରେ ରାତ୍ରିରେ ରାମଲୀଳା ପରିଷଦ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଚିତ୍ରକୁଟରେ ବନବାସ ସମୟରେ ଶ୍ରୀରାମ, ଲକ୍ଷଣ ଓ ସୀତାଙ୍କର ବନଭ୍ରମଣ ବୃତ୍ତାନ୍ତକୁ ଯେଉଁଭଳି ଭାବରେ ବିକ୍ରମ ନରେନ୍ଦ୍ର ବର୍ଣ୍ଣନା କରିଛନ୍ତି ତାକୁ ନାଟ୍ୟରୂପରେ ରଙ୍ଗମଞ୍ଚରେ ଉପସ୍ଥାପନା କରିବା ଅତ୍ୟନ୍ତ ଜୀବନ୍ତ ଓ ହୃଦୟସ୍ପର୍ଶୀ ହୋଇଥିଲା।

ଶ୍ରୀରାମ, ଲକ୍ଷଣ ଓ ସୀତା ପ୍ରବେଶ କରନ୍ତି ପଞ୍ଚବଟୀରେ। ସେଠାରେ ଅତ୍ୟନ୍ତ ମନୋରୋମ ଭାବେ ପର୍ଣ୍ଣ କୁଟୀର ନିର୍ମାଣ କରି ଅବସ୍ଥାନ କରନ୍ତି ଶ୍ରୀରାମ, ଲକ୍ଷଣ ଓ ସୀତା। ଏହି ସମୟରେ ଲଙ୍କାର ରାଜା ରାବଣର ଭଉଣୀ ସୂର୍ପଣଖା ରାକ୍ଷସୀ ବନଭ୍ରମଣ କରୁଥାଏ। ଏହି ସମୟରେ ସେ ଶ୍ରୀରାମଙ୍କ ଦ୍ୱାରା ଆକର୍ଷିତ ହୋଇ ନିଜର ମାୟା ବଳରେ ଏକ ସୁନ୍ଦର ତୁରଣୀ ବେଶ ଧାରଣ କରି ଶ୍ରୀରାମଙ୍କୁ ପ୍ରେମ ନିବେଦନ କରିବା ସହିତ ବିବାହ କରିବାକୁ ପ୍ରସ୍ତାବ ଦିଏ। କିନ୍ତୁ ଶ୍ରୀରାମ ତାକୁ ପ୍ରତ୍ୟାଖାନ କରି ଅନୁଜ ଲକ୍ଷ୍ମଣଙ୍କୁ ପଚାର ବୋଲି କୁହନ୍ତି। ଲକ୍ଷଣ ମଧ ପ୍ରତ୍ୟାଖାନ କରନ୍ତି। ଏଥିରେ ରାକ୍ଷସୀ ସୂର୍ପଣଖା କ୍ଷୁବ୍ଧ ହୋଇ ମନରେ



ମନ୍ଦ ଉଦ୍ଦେଶ୍ୟ ରଖି ସୀତା ଲାଗି ଉଭୟ ପ୍ରତ୍ୟାଖାନ କରଛନ୍ତି ବୋଲି ଭାବି ସୀତାଙ୍କୁ ଖାଇଯିବା ଲାଗି ଉଦ୍ୟତ ହୁଏ। ଏହାଦେଖି ଶ୍ରୀରାମଙ୍କ ନିର୍ଦ୍ଦେଶରେ ଲକ୍ଷଣ ସୂର୍ପଣଖାର ନାସାକୁ ଛୁରିରେ ଛେଦନ କରନ୍ତି। ଫଳରେ ବିକଳରେ ରାକ୍ଷସୀ ବିକଳରେ ସେଠାରୁ ପ୍ରସ୍ଥାନ କରି ଦଣ୍ଡକାରଣ୍ୟରେ ତାର ରାକ୍ଷସ ଭ୍ରାତା ଖର, ଦୂଷଣ ଓ ତ୍ରିସିରାକୁ ଜଣାଏ। ୩ ରାକ୍ଷସ ଆସି ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ପ୍ରବଳ ଯୁଦ୍ଧ କରି ଶେଷରେ ନିହତ ହୁଅନ୍ତି। ଏହାପରେ ସୂର୍ପଣଖା ଯାଇ ତାର ରାକ୍ଷସ ଭ୍ରାତା ଲଙ୍କା ରାଜା ରାବଣକୁ ଗୁହାରୀ କରେ। ଶ୍ରୀରାମଙ୍କ ପାଖରେ ଥିବା ଅତ୍ୟନ୍ତ ସୁନ୍ଦରୀ ସୀତାଙ୍କ ରୂପର ଗୁଣଗାନ କରିବା ସହିତ ତାଙ୍କୁ ଚୋରି କରିବାକୁ ପ୍ରବର୍ତ୍ତାଇ ଥାଏ। ଏଣୁ ଭଉଣୀର ପ୍ରତିଶୋଧ ନେବାକୁ ଯାଇ ରାବଣ ସୀତାଙ୍କୁ ପଞ୍ଚବଟୀରୁ ଅପହରଣ ନିମନ୍ତେ ଯୋଜନା କରେ। ଏଣୁ ଅଦ୍ଭୁତ ମାୟାରୂପ ଧାରଣ କ୍ଷମତାପ୍ରାପ୍ତ ରାକ୍ଷସୀ ତା ପୁତ୍ର ମାରୀଚକୁ ମାୟାରେ ସ୍ୱର୍ଣ୍ଣମୃଗ ରୂପ ଧାରଣ କରି ପଞ୍ଚବଟୀ ଯିବାକୁ ରାବଣ ନିର୍ଦ୍ଦେଶ ଦିଏ। ସେ ଅରାଜି ହେବାରୁ ତାକୁ ମୃତ୍ୟୁର ଭୟ ଦେଖାଏ। ଏଣୁ ରାବଣ ହାତରେ ମରିବା ଅପେକ୍ଷା ପ୍ରଭୁ ଶ୍ରୀରାମଙ୍କ ହସ୍ତରେ ମରିବା ଶ୍ରେୟ ଭାବି ମାରିଚ ରାଜି ହୋଇ ପଞ୍ଚବଟୀରେ ସ୍ୱର୍ଣ୍ଣର ମୃଗ ରୂପ ଧାରଣ କରି ଶ୍ରୀରାମଙ୍କ କୁଟୀର ପାଖରେ ଦେଖାଦିଏ। ଏପରି ସନ୍ଦର ସ୍ୱ ର୍ଣ୍ଣ ମୃଗ ଦେଖି ସୀତା ତାକୁ ଆଣି ଦେବାପାଇଁ ଶ୍ରୀରାମଙ୍କୁ ଅନୁରୋଧ କରନ୍ତି। ସୀତାଙ୍କ ଅନୁରୋଧରେ ଶ୍ରୀରାମ ମୃଗ ଆଣିବା ପାଇଁ ବନ ମଧ୍ୟକୁ ପଳାଇ ଯାଆନ୍ତି। ମୃଗ ଉପରକୁ ତୀର ନିକ୍ଷେପ କରନ୍ତେ ମାରିଚ ନିଜ ରୂପ ଧାରଣ କରି ଶ୍ରୀରାମଙ୍କ ସ୍ୱରକୁ ଅନୁକରଣ କରି ତ୍ରାହୀ ଲକ୍ଷଣ ବୋଲି ଡାକ ଛାଡ଼ନ୍ତି। ଏହାଶୁଣି ସୀତା ଭାବନ୍ତି ଶ୍ରୀରାମ ବିପଦରେ ପଡିଛନ୍ତି ଲକ୍ଷ୍ମଣଙ୍କୁ ଶ୍ରୀରାମଙ୍କ ସହାୟତା ନିମନ୍ତେ ପଠାଇଥାନ୍ତି। କିନ୍ତୁ ଲକ୍ଷଣ ବାରଣ କରନ୍ତୁ ଏଣୁ ସୀତା କ୍ରୋଧରେ ଲକ୍ଷ୍ମଣଙ୍କ ଭର୍ତ୍ସନା କରନ୍ତି। ବାଧରେ ଲକ୍ଷ୍ମଣ ଶ୍ରୀରାମଙ୍କ ପାଖକୁ ଯିବାକୁ ବାହାରନ୍ତି। ଯିବାବେଳେ କୁଟୀର ସାମ୍ନାରେ ୩ଟି ରେଖା ଟାଣି ତାକୁ ଅତିକ୍ରମ ନ କରିବାକୁ ସୀତାଙ୍କୁ କହିଯାନ୍ତି। ଏହି ସୁଯୋଗରେ ପୂର୍ବରୁ ଲୁଚି ରହିଥିବା ରାବଣ ମାୟାରେ ଯତିବେଶ ଧାରଣ କରି ଭିକ୍ଷା ମାଗିବା ଆଳରେ ସୀତାଙ୍କୁ ଅପହରଣ କରେ। ଅପହରଣ ପରେ ନିଜ ରୂପ ଧାରଣ କରି ତାର ପୁଷ୍ପକ ବିମାନରେ ବସାଇ ଲଙ୍କା ନେଇଯାଏ। ସୀତାଙ୍କ ଆକୁଳ କ୍ରନ୍ଦନ କରି ସହାୟତା ନିମନ୍ତେ ସମସ୍ତ ବୃକ୍ଷ, ତରୁ, ଲତାଙ୍କୁ ନିବେଦନ କରନ୍ତି। ନିଜେ ପିନ୍ଧିଥିବା ସମସ୍ତ ଅଳଙ୍କାରମାନ ଗୋଟି ଗୋଟି କରି ତଳେ ପକାନ୍ତି। ଏହି ସମୟରେ ଆକାଶ ମାର୍ଗରୁ ଦଶରଥଙ୍କ ପରମମିତ୍ର ପକ୍ଷୀରାଜ ଜଟାୟୁ ରାବଣକୁ ଅବରୋଧ କରନ୍ତି। ରାବଣ ଜଟାୟୁଙ୍କର ପକ୍ଷ ଛେଦନ କରେ। ତେବେ ସୀତାଙ୍କ ଆଶୀର୍ବାଦରୁ ଶ୍ରୀରାମଙ୍କୁ ଏ ଅପହରଣ ସନ୍ଦେଶ ଦେବା ପାଇଁ ବଞ୍ଚି ରହନ୍ତି। ରାବଣ ସୀତାଙ୍କୁ ନେଇ ଲଙ୍କାର ଅଶୋକ ବନରେ ବନ୍ଦୀ କରି ରଖେ।

## ନିଖିଳ ଉତ୍କଳ ପୂଜକ ମହାସଂଘ ବୈଠକ

**ଖଣ୍ଡପଡା,୩୧।୩(ଅଜୟ କୁମାର ମହାରଣା)**

ନିଖିଳ ଉତ୍କଳ ପୂଜକ ମହାସଂଘ ବନ୍ଧୁମିଳନ ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣାଙ୍କ ପୌରୋହିତ୍ୟରେ ବୈଦେଶ୍ୱରସ୍ଥିତ ରାମନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ସେବାୟତ ଯୋଗଦେଇଥିଲେ। ପ୍ରାରମ୍ଭରେ ଆବାହକ ଗୁଣନିଧି ମହାପାତ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଦିବଂଗତ ପ୍ରତିଷ୍ଠାତାମାନଙ୍କର ସ୍ମୃତିଚାରଣ ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଭାପତିଙ୍କ ଅନୁମତିକ୍ରମେ ଉପସ୍ଥିତ ସେବାସୀ ତଥା ସଦସ୍ୟ ମହେଶ୍ୱର ମହାପାତ୍ର, କାର୍ତ୍ତିକ ମହାପାତ୍ର, ସଂକର୍ଷଣ ରଣା, ଖଗେଶ୍ୱର ମହାପାତ୍ର, ବୈକୁଣ୍ଠ ମହାପାତ୍ର, କଂଗ୍ରେସ ମହାପତ୍ର, ତ୍ରିଲୋଚନ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ରଞ୍ଜନ ମହାପାତ୍ର, ସନ୍ତୋଷ ରଣା ଓ ଅଭିରାମ ମହାପାତ୍ର ପ୍ରମୁଖ ନିଜ ନିଜ ଅଞ୍ଚଳର ପୂଜାଜନିତ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ତେବେ ସଙ୍ଗଠନକୁ ମଜଭୁତ କରିବା ଲାଗି ଅନୁଷ୍ଠାନ ସଦସ୍ୟ ବିଜୟ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକରୁ ୪ଜଣ ସଦସ୍ୟଙ୍କୁ ନେଇ କମିଟି ଗଠନ କରାଯାଇଥିବା ଜଣାଯାଇଛି। ସେହିପରି ମନ୍ଦିରମାନଙ୍କ ସୁପରିଚାଳନା ଲାଗି ସେବାୟତ ବୋର୍ଡ ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି କରାଗଲା। ବୈଦେଶ୍ୱର ଅଞ୍ଚଳର ମହେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ସହଯୋଗୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବଧନୁ ଭଙ୍ଗ, ସୀତା ବିବାହରେ ଶ୍ରଦ୍ଧାଳୁଙ୍କ ସମାଗମ

**ଓଡଗାଁ,୩୧।୩(ନାରାୟଣ ପାଣିଗ୍ରାହୀ)**

ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ଶିବଧନୁ ଭଗ୍ନ ଓ ସୀତାବିବାହରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୁନୀ ଆଶ୍ରମ ଯଜ୍ଞ ବେଦୀ ଉପରେ ନିର୍ମିତ ରତ୍ନସିଂହାସନ ଉପରେ ବିରାଜିତ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ହେଉଛି ୫ମ ସନ୍ଧ୍ୟା। ପ୍ରଭୁ ଶ୍ରୀରାମ,ଅନୁଜ ଲକ୍ଷ୍ମଣ,ଗୁରୁ ବିଶ୍ୱାମିତ୍ରଙ୍କ ସହିତ ଦାସଦାସୀ ଏବଂ ଅନ୍ୟାନ୍ୟ ରାଜାମାନଙ୍କ ଉପସ୍ଥିତିରେ ରାଜର୍ଷି ଜନକ ନନ୍ଦିନୀ ଜାନକୀ ସୀତାଙ୍କ ପାଇଁ ଆୟୋଜିତ ସ୍ୱୟଂବର ସଭାରେ ଜନକଙ୍କ ସର୍ତ୍ତ ଅନୁସାରେ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରୁଥିବା ଦୃଶ୍ୟକୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଶ୍ରଦ୍ଧାଳୁ। ଘଟଣାକ୍ରମେ ମିଥିଳା ନରେଶ ଜନକ, କନ୍ୟା ସୀତାଙ୍କ ବିବାହ ପାଇଁ ସର୍ତ୍ତ ରଖିଥିଲେ। ସ୍ୱୟଂବର ସଭାରେ ଅଂଶଗ୍ରହଣ କରିଥିବା ଯେଉଁ ରାଜା କିମ୍ବା ଯୋଦ୍ଧା ଶିବଧନୁରେ ଟାଣ ଦେଇପାରିବେ ମାତା ସୀତା ତାଙ୍କ ବେକରେ ବରଣମାଳା ପିନ୍ଧାଇବେ। ସର୍ତ୍ତକୁ ଅନୁପାଳନ କରି ସୀତାଙ୍କୁ ବିବାହ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱୟଂବରରେ ବହୁ ଶକ୍ତିଶାଳୀ ରାଜାମାନେ ଅଂଶଗ୍ରହଣ କରିଥିଲେ। ପ୍ରବଳ ପ୍ରତାପୀ ରାଜାଧିରାଜମାନେ ଶିବଧନୁ ଭାଙ୍ଗିବା ତ ଦୂରର କଥା, ଭୂଇଁରୁ ଉଠାଇବାକୁ ମଧ ସକ୍ଷମ ହୋଇ



ନ ଥିଲେ। ବିବାହ ସର୍ତ୍ତକୁ ନେଇ ରାଜା ଜନକ ଚିନ୍ତିତ ହୋଇପଡ଼ିଲେ। ସୀତା ଅଭିଆଡ଼ ରହିଯିବେ ବୋଲି ଭାବି ନିଜକୁ ଅସହାୟ ମଣୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଯୋଧ୍ୟା ନରେଶ ଦଶରଥ ନନ୍ଦନ ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମ ଧନୁରେ ଟାଙ୍କ ଦେବା ତ ଦୂରର କଥା ଶିବଧନୁଙ୍କୁ ପ୍ରଣାମ ଜଣାଇ ଉଠାଇବା ବେଳେ ଧନୁଟି ଦୁଇଖଣ୍ଡ ହୋଇଯାଇଥିଲା। ଆଶା ଆଶଙ୍କାରେ ଚାହିଁ ରହିଥିବା ରାଜା ମହାରାଜାମାନେ ନିଜକୁ ଲଜ୍ଜିତ ମନେ କରିଥିବାବେଳେ

### ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ୫ମ ସନ୍ଧ୍ୟା

ମିଥିଳା ନରେଶ ଜନକଙ୍କ ଦୃଢ଼ ସଙ୍କଳ୍ପକୁ ସାକାର କରି ପ୍ରଭୁ ରାମଚନ୍ଦ୍ର ସର୍ବସମ୍ମୁଖରେ ତାଙ୍କ ବୀରତ୍ୱର ପରିଚୟ ଦେଇଥିଲେ। ତତ୍ପରେ ମା'ସୀତା ବରଣମାଳା ପିନ୍ଧାଇବା ସମୟରେ ପ୍ରଭୁ ଶ୍ରୀରାମ ସମ୍ମତି ପ୍ରକାଶ ସହିତ ମଥାନତକରି ବରଣମାଳା ଗ୍ରହଣ କରିଥିଲେ। ଏହା ଥିଲା ସମଗ୍ର ନାରୀଜାତି ପାଇଁ ଏକ ସମ୍ମାନର ନିଦର୍ଶନ। ଆଜିର ସୀତା ବିବାହ ପରମ୍ପରା ଅନୁସାରେ ରାତି ୮ଟା ପରେ ପ୍ରଭୁଙ୍କର ବିଜେ ପ୍ରତିମାଙ୍କୁ ବରବେଶରେ ସଜ୍ଜିତ କରିବା ସହିତ ଅନୁଜ ଲକ୍ଷ୍ମଣ, ରାମେଶ୍ୱର ମହାଦେବ ଏବଂ ରାଧାକୃଷ୍ଣଙ୍କ ବିଜେ ପ୍ରତିମାଙ୍କୁ ସ୍ୱତନ୍ତ୍ର ବିମାନରେ ବସାଇ ବରଯାତ୍ରୀ ଦଳ ବାହାରିଥିଲେ। ଆଜିର ସ୍ୱତନ୍ତ୍ର ଆକର୍ଷଣ ଭାବେ କଳାଘୋଡ଼ା,ରାଜାରାଣୀ,ବାଘ ଲଢ଼େଇ ଓ ଷଣ୍ଢ ଲଢ଼େଇ ସହ ବିଭିନ୍ନ ବାଦ୍ୟଯନ୍ତ୍ର ଓ ଆତସବାଜି ଶୋଭାଯାତ୍ରାରେ ସ୍ଥାନ ପାଇଥିଲା। ନଗର ପରିକ୍ରମାକରି ପ୍ରଭୁ ଝୁଲଣ ମଣ୍ଡପଠାରେ ପହଞ୍ଚିବା ପରେ ବାଟବରଣ କରି ବିବାହ ବେଦିକୁ ନିଆଯାଇ ଥିଲା। ମନ୍ଦିର ପରିଚ୍ଛାଙ୍କ ଦ୍ୱାରା ବୈଦିକ ରୀତିମତେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ପାଳିଆ ପଣ୍ଡା,ପୂଜକ ପରିଷଦ ଓ ସୁଆର ସେବକ ପରିଷଦଙ୍କ ସହିତ ଦେବୋତ୍ତର ପରିଚାଳକ ତାପସ କୁମାର ପଟ୍ଟନାୟକ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ରଙ୍କ ସହଯୋଗରେ ନୀତି ସମ୍ପର୍ଣ୍ଣ ହୋଇଥିବା ବେଳେ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ପ୍ରଶାସନ ଦ୍ୱାରା ଆଇନ ଶୃଙ୍ଖଳା ବ୍ୟବସ୍ଥା ପରିଚାଳିତ ହୋଇଥିଲା।

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**
**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମଠାରେ ମହାସମାରୋହରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ସ୍ୱା./- ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ଟେଣ୍ଡର ନୋଟିସ୍**

**ଗୋରଖନାଥ ମହାପ୍ରଭୁ, ଛପଡା (କେରେକେରା)**
**ଜି-ଜଗତ୍‌ସିଂହପୁର**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୬-୨୭ ମସିହା ପାଇଁ ତା.୦୭.୦୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କର ଭୋଗ, ଦୀପ ଦୋକାନ ପାଇଁ ତା.୦୪.୦୪.୨୦୨୬ ରିଖ ଶନିବାର ଦିନ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟଠାରେ ପୁନର୍ବାର ନିଲାମ କରାଯିବ ।

ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୨୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା.୦୨.୦୪.୨୦୨୬ ରିଖଠାରୁ ତା.୦୩.୦୪.୨୦୨୬ ରିଖ ଦିବା ୧୧ ଘଟିକାରୁ ଦିବା ୧ ଘଟିକା ମଧ୍ୟରେ ପାଇପାରିବେ ।

ଟେଣ୍ଡର ଫର୍ମ ସହିତ ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁଙ୍କ ନାମରେ ଥିବା ସାଁପୁର ଷ୍ଟେଟ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.30252661478 କିମ୍ବା ସହରହାଟ ମୂଳିସିଂହ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟ ନଂ.347801000002220 ରେ ଭୋଗ ଓ ଦୀପ ଦୋକାନ ପାଇଁ ଅମାନତ ଦୁଇଲକ୍ଷ ଟଙ୍କା ଜମାକରି ବ୍ୟାଙ୍କ ଜମା ରସିଦ୍ ଟଙ୍କାର ପ୍ରମାଣପତ୍ର ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାଙ୍କ ଜମା ରସିଦ ଦେଖାଇ ଏବଂ ମନ୍ଦିରରୁ ପାଇଥିବା ରସିଦ ତା.୦୪.୦୪.୨୦୨୬ ରିଖ ଦିବା ୧୨ ଘଟିକା ମଧ୍ୟରେ ଉପଜିଲ୍ଲାପାଳ, ଜଗତସିଂହପୁରଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ପକାଇବେ । ତା.୦୪.୦୪.୨୦୨୬ ରିଖ ଦିବା ଘ ୧୨.୩୦ ମି. ସମୟରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ଫର୍ମ ପକାଇଲା ବେଳେ EMD (Earnest Money Deposit) ଧାର୍ଯ୍ୟ ଟେଣ୍ଡର ମୂଲ୍ୟର ୧୦% ଟଙ୍କା ଉପରୋକ୍ତ ବ୍ୟାଙ୍କରେ ଜମା କରି ରସିଦ୍ ସହ ଟେଣ୍ଡର ପକାଇବେ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ଗୋରଖନାଥ ମହାପ୍ରଭୁ ମନ୍ଦିର
ଛପଡା (କେରେକେରା)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବଳରାମ



@ ଲକ୍ଷ୍ମୀ



@ ପ୍ରଭାସ



@ ରୋହିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସିମିଳିଆ ପଞ୍ଚାୟତରେ ୩.୨୬ ଲକ୍ଷ ଟଙ୍କା ଦୁର୍ନୀତି

## ୯ ମାସ ପରେ ସରପଞ୍ଚ, ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ

**ଯାଜପୁରଟାଉନ,୩୧।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବ୍ଲକ ଅଧୀନ ସିମିଳିଆ ପଞ୍ଚାୟତରେ ୩.୨୬ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗରେ ସରପଞ୍ଚ ଗୋଲାପି ଜେନା ଓ ପିଇଓ ଗୋପାଳ ଗୋବିନ୍ଦ ଗଦାଧର ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨୬।୦୩।୨୦୨୬ରେ ଜିଲା ପଞ୍ଚାୟତ ବିଭାଗ ପକ୍ଷରୁ ଉଭୟଙ୍କୁ ଏହି ନୋଟିସ ଦିଆଯାଇଛି। ୭ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନୋଟିସରେ ଦର୍ଶାଯାଇଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଉତ୍ତର ନ ମିଳେ ତେବେ ଆଇନ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ସିମିଳିଆ ପଞ୍ଚାୟତ ସିମିଳିଆ ଗ୍ରାମରେ ଥିବା ଅଶୋକ କଲ୍ୟାଣ ମଣ୍ଡପ ମରାମତି ଓ ପୁନରୁଦ୍ଧାର ପାଇଁ ୧ ଲକ୍ଷ ୬୫ ହଜାର ୭୩୫ ଟଙ୍କା ଏଷ୍ଟିମେଟ୍(ବ୍ୟୟବରାଦ) କରାଯାଇଥିଲା। ଗ୍ରାମ ପଞ୍ଚାୟତ ପାଣ୍ଠିରୁ ୧ଲକ୍ଷ୪୦ ହଜାର ଟଙ୍କା ବିଲ୍ କରାଯାଇ ୧ ଲକ୍ଷ ୩୭ ହଜାର ୨ଶହ ଟଙ୍କା ପୈଠ କରାଯାଇଥିଲା। ମାତ୍ର ଏହି ଅର୍ଥକୁ ହଡ଼ପ କରାଯାଇଛି ବୋଲି ସାମାଜିକ କର୍ମୀ ସୁଦୀପ୍ତ ପଣ୍ଡା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ କେନ୍ଦ୍ର କରି ଜିଲା ପରିଷଦ ସିଡିଓ ୨୦୨୫ ଜୁନ୍ ୩୦ରେ ଯୁଗ୍ମ ତଦନ୍ତ ପାଇଁ ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ସାହୁ, ଜିଲା ପରିଷଦ ଇଓ(ଟେକ୍ନିକାଲ) ସତ୍ୟ ନାରାୟଣ ସାହୁ, ଜିଲା ପରିଷଦ ଏଷ୍ଟିମେଟର ଦୀପକ ଆଚାର୍ଯ୍ୟଙ୍କୁ ନେଇ



COLLECTORATE, JAJPUR

Ph No- 06728-222592(o), Fax- 222087

E-mail Id. dm-jajpur@nic.in web site www.jajpur.nic.in

(Gram Panchayat Section)

No. 336 dt 26-03-2026

SHOW CAUSE NOTICE

Whereas, it appears from the joint enquiry report of concerning officers an amount of Rs 165735.00 and Rs 160737.00 have been missappropriated by preparing false bill/vouchers by both PEO and Sarpanch of Similia GP for repair and renovation of Ashok Kalyan Mandap and Utkal Kalyan Mandap under Similia Gram panchayat which means it violates the provisions under section -19 of OGP Act 1964. So that CDO- cum - EO, Zilla Parishad, Jajpur have been pleased to issue Show Cause Notice to Sarpanch and PEO of Similia GP under Jajpur Block to explain within 7 days from the date of receipt of this Notice as to why action, as deemed proper shall not be taken aginst him in accordance with Law.

If no explanation is received from both Sarpanch and PEO within the stipulated period, it will be presumed that thay have nothing to explain and the matter will be decided ex-parte.

District Panchayat Officer
Jajpur

Memo No 337 / dt. 26-03-2026

Copy in triplicate forwarded to BDO, Jajpur with arequest to serve a copy of the show cause to both Sarpanch and PEO of Similia GP and furnish the second served copy to this office with dated signature of both Sarpanch and PEO for office reference. The third served copy may be retained in their office for record.

District Panchayat Officer
Jajpur

Memo No 338 / dt. 26-03-2026

Copy submitted to CDO -cum - EO, Zilla Parishad, Jajpur for kind information and necessary action with reference to the letter no. 5799 dated 18.12.2025.

District Panchayat Officer
Jajpur

ସରପଞ୍ଚ ଓ ପିଇଓଙ୍କୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସ।

ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ସମସ୍ତ ନଥିପତ୍ର ଏବଂ ଘଟଣା ସ୍ଥଳ ଯାଞ୍ଚ କରି ୧୫।୧।୨୦୨୫ରେ ରିପୋର୍ଟ ଦାଖଲ କରିଥିଲା। ଏଥିରେ ବିଦ୍ୟୁତ୍ କାର୍ଯ୍ୟ, ଜଳ ଯୋଗାଣ ଓ ପରିମଳ ପାଇଁ ନୂତନ କାର୍ଯ୍ୟ କରାଯାଇଛି ବୋଲି ରେକର୍ଡରେ ଥିବାବେଳେ ଏହି କାର୍ଯ୍ୟ ଦୁଇ ବର୍ଷ ପୂର୍ବରୁ ସରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହିସବୁ କାର୍ଯ୍ୟ ପୂର୍ବରୁ ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ଠିକ୍ ଥିବା କମିଟି ଜାଣିବାକୁ ପାଇଥିଲା। କୌଣସି ନୂତନ ସାମଗ୍ରୀ ଲଗାଯାଇ ନ ଥିଲା କିମ୍ବା ପୁରୁଣା ଜିନିଷକୁ ବାହାର କରାଯାଇ ନ ଥିଲା ବୋଲି କମିଟି ରିପୋର୍ଟରେ ଦର୍ଶାଇଥିଲା, ଯାହାକି ସରକାରୀ ଅର୍ଥକୁ ସମ୍ପୂର୍ଣ୍ଣ ବାଟମାରଣା କରାଯାଇଛି ବୋଲି ଦର୍ଶାଯାଇଛି।

ସେହିପରି ସିମିଳିଆ ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଥିବା ଉତ୍କଳ କଲ୍ୟାଣ ମଣ୍ଡପ ମରାମତି ଓ ପୁନରୁଦ୍ଧାର ପାଇଁ ୧ ଲକ୍ଷ ୫୯ ହଜାର ୬୬୯ ଅର୍ଥ ବ୍ୟୟ ବରାଦ କରାଯାଇଥିବା ବେଳେ ୧ ଲକ୍ଷ ୬୦ ହଜାର ୭୩୭ ଟଙ୍କା ପୈଠ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା।

ଏହି ଯୁଗ୍ମ କମିଟି ସ୍ଥଳ ବିଶେଷକୁ ଯାଇ ତଦନ୍ତ କରିବା ସହ କାଗଜାତ୍ ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲା। ଯେଉଁଥିରେ ମଧ୍ୟ ବିଦ୍ୟୁତ୍ କାର୍ଯ୍ୟ କରାଯାଇଥିବା ଦର୍ଶାଯାଇଥିବା ବେଳେ ପୁରୁଣାଏଲ୍‌ଇଡି ଲାଇଟ୍, ସିଲିଂ ଫ୍ୟାନ, ସୁଇଚ୍‌କୁ ବଦଳାଇ ନୂତନ ସାମଗ୍ରୀ ଲଗାଯାଇଥିଲା। ମାତ୍ର ଏହିସବୁ ଜିନିଷ ଦୁଇ ବର୍ଷ ପୂର୍ବରୁ ଲଗାଯାଇଥିବା କମିଟି ଅନୁଭବ କରିଥିବାବେଳେ କୌଣସି ପୁରୁଣା ସାମଗ୍ରୀକୁ କଢ଼ା ଯାଇନାହିଁ କିମ୍ବା ନୂତନ ସାମଗ୍ରୀ ଲଗାଯାଇନାହିଁ। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର କୌଣସି ସମୟରେ ସେଠାକୁ ନ ଯାଇ ମିଥ୍ୟା ବିଲ୍ ପ୍ରସ୍ତୁତ କରିଥିଲେ। ଏହି ମିଥ୍ୟା ବିଲ୍‌କୁ ବ୍ଲକର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳ ଲୋଚନ ରାୟ ତଦାରଖ ନ କରି ପିଇଓ ଏବଂ ସରପଞ୍ଚଙ୍କୁ ସମସ୍ତ ଅର୍ଥ ପ୍ରଦାନ କରିଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି, ଯାହାକି ସରକାରୀ ଅର୍ଥକୁ ହଡ଼ପ କରାଯାଇଛି ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

# ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

**ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ୩୦ତମ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ମଙ୍ଗଳବାର ଅପରାହ୍ନରେ ଶୁଭାରମ୍ଭ ହୋଇଛି। ଶତାଧିକ ମହିଳା ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟରେ ପୂଜାର୍ଚ୍ଚନା କରିବା ପରେ ନଦୀରୁ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ବାହାରି ପୀଠରେ ପହଞ୍ଚିଥିଲେ। ପୀଠରେ ପୂଜାର୍ଚ୍ଚନା କରାଯାଇ କଳସ ସ୍ଥାପନା କରାଯାଇଥିଲା। ୩ଦିନ ବ୍ୟାପୀ ଏହି ଯଜ୍ଞ ଉତ୍ସବରେ ଦେବସ୍ଥାପନ, ମଙ୍ଗଳଆଳତି, ଓ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରତିନିଧିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଧର୍ମଶାଳା ଗାୟତ୍ରୀ ପରିବାର ସଭାପତି ଚନ୍ଦ୍ରମଣି ନାୟକ ଓ ସଭ୍ୟ ନବଘନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ଶାନ୍ତି କୁଞ୍ଜର ପ୍ରତିନିଧି ଦାମୋଦର ସେନାପତି ଓ ପ୍ରଦୀପ ମହାନ୍ତି ପ୍ରବଚନ ପ୍ରଦାନ କରିଥିଲେ। କଳସ ଶୋଭାଯାତ୍ରାରେ ଗୀତାଞ୍ଜଳି ନାୟକ, ତିଳୋତମା ରାଉତ, ସାବିତ୍ରୀ ବିଶ୍ୱାଳ, ଲିପ୍ସା ମହାନ୍ତି, ପୁଷ୍ପିତା ସାମଲ ଓ ମନୋରମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଗାୟତ୍ରୀ ପରିବାର ସଦସ୍ୟ ବିବେକାନନ୍ଦ ଜେନା, ଗୋଲଖ ସାହୁ, ପ୍ରାଣକୃଷ୍ଣ ସାମଲ, ଅନିରୁଦ୍ଧ ରାଉତ, ଚିତ୍ତରଞ୍ଜନ ମଲ୍ଲିକ, ମଦନମୋହନ ବିଶ୍ୱାଳ ଓ ଅଭିରାମ ନାୟକ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ଯଜ୍ଞ ଆସନ୍ତା ୨ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ଯୁବକଙ୍କ ଉପରେ ମାଡ଼ିଗଲା ଟ୍ରାକ୍ଟର

**ଯାଜପୁରଟାଉନ,୩୧।୩(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ଯୁବକଙ୍କ ଉପରେ ଟ୍ରାକ୍ଟର ମାଡ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଖଇରାବାଦ ପଞ୍ଚାୟତ ରଘୁନାଥପୁର ଗ୍ରାମର ମଣି ମାଝୀଙ୍କ ପୁଅ କାଳନ୍ଦୀ(୨୦)। ସେ ମଙ୍ଗଳବାର ନିଧି ମଣ୍ଡପ ରାସ୍ତାରେ ଚାଲିଚାଲି ଆସୁଥିବାବେଳେ ଏକ ଟ୍ରାକ୍ଟର ପଛପଟୁ ଆସି ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଧର୍ମଶାଳା ତହସିଲ ପକ୍ଷରୁ ୩୮ କୋଟି ୪୯ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ଆଦାୟ

**ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲ କାର୍ଯ୍ୟାଳୟ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଜିଲା ଓ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ତହସିଲକୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୩ କୋଟି ୨୯ଲକ୍ଷ ୪୧ହଜାର ୬୫୬ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ବେଳେ ଏହି ତହସିଲ ୧୧.୬୮ଗୁଣରୁ ଅଧିକ ୩୮କୋଟି ୪୯ ଲକ୍ଷ ୮୪ହଜାର ୨୫୧ଟଙ୍କା ରାଜସ୍ୱ ଆଦାୟ କରିଛି। ବିଗତ ୨୦୨୪-୨୫ଆର୍ଥିକ ବର୍ଷରେ ୫କୋଟି ୨୨ଲକ୍ଷ ୧୦ହଜାର ୫୩୩ଟଙ୍କା ଆଦାୟ କରି ଲକ୍ଷ୍ୟ ଧାର୍ଯ୍ୟଠାରୁ ୨ ଗୁଣରୁ ଅଧିକ ଅର୍ଥ ଆୟ କରିଥିଲା। ହେଲେ ଚଳିତ ବର୍ଷ ଏହି ତହସିଲର ମୁଖ୍ୟ ରାଜସ୍ୱ କଳାପଥର ଖଣି ଖାଦାନ ଓ ବାଲିଘାଟ ରାଜସ୍ୱ ମାଇନିଂ ବିଭାଗକୁ ହସ୍ତାନ୍ତର ହୋଇଥିଲେ ମଧ୍ୟ ରାଜସ୍ୱ ଆଦାୟ ପୂର୍ବବର୍ଷଠାରୁ ଅନେକ ଅଧିକ ଆଦାୟ ହୋଇଛି। ଚଳିତ ବର୍ଷ ଏହି ତହସିଲ ଅନ୍ତର୍ଗତ ଡଙ୍କାରୀଠାରେ ତୈଳ ବିଶୋଧନଗାର ପାଇଁ ଇଡ୍‌କୋ ୧୨ କୋଟି ୮୧ ଲକ୍ଷ ଟଙ୍କା ଜମା କରିଛି। ୱାମିସ୍‌ରୁ ୧୮ କୋଟି ୪୨ ଲକ୍ଷ ୩୪ହଜାର ୫୬୦ଟଙ୍କା ଆଦାୟ କରାଯାଇଛି। ଏହି ତହସିଲ ରାଜସ୍ୱ ଆଦାୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ତହସିଲଦାର ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏଥିସହିତ ଅତିରିକ୍ତ ତହସିଲଦାର ଓ ସମସ୍ତ ରାଜସ୍ୱ ନିରୀକ୍ଷକ ରାଜସ୍ୱ ଆଦାୟ କ୍ଷେତ୍ରରେ ସହଯୋଗ କରି ସଫଳତା ଆଣିଥିବାରୁ ତହସିଲଦାର ସେମାନଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।










ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବଳରାମ



@ ଲକ୍ଷ୍ମୀ



@ ପ୍ରଭାସ



@ ରୋହିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଶିକ୍ଷକଙ୍କ ବଦଳି ଆଦେଶ ବାତିଲ ପରେ ଧାରଣା ପ୍ରତ୍ୟାହୃତ

# ବିଦ୍ୟାଳୟରେ ତାଲା: ୮ ଘଣ୍ଟା ଧାରଣାରେ ଛାତ୍ରୀଛାତ୍ର, ଅଭିଭାବକ



ଧାରଣାରେ ବସିଥିବା ଛାତ୍ରୀଛାତ୍ର, ଅଭିଭାବକ ।

ରଣପୁର, ୩୧।୩ (ସୁକାନ୍ତ କିଶୋର ଡାକୁଆ ):

ବିଦ୍ୟାଳୟରେ ନୂତନ ଭାବେ ୨ ମାସ ତଳେ ନିଯୁକ୍ତି ପାଇଥିବା ଜଣେ ଶିକ୍ଷକଙ୍କୁ ୨ଦିନ ତଳେ ରଣପୁର ଶିକ୍ଷା ବିଭାଗ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରିବାକୁ ବିରୋଧକରି ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ସକାଳ ୭ଟାରୁ ଧାରଣା ଦେଇଥିଲେ। ଖବର ପାଇ ଶିକ୍ଷା ବିଭାଗ ତୁରନ୍ତ ଶିକ୍ଷକଙ୍କ ବଦଳି ବାତିଲର ୮ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ହେଲେ ଘଟଣାସ୍ଥଳକୁ ରଣପୁର ଶିକ୍ଷା ବିଭାଗର କୌଣସି ଉଚ୍ଚ ବିଭାଗୀୟ ଅଧିକାରୀ ଆସି ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ପ୍ରକାଶ ଯେ, ରଣପୁର ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ କାଣ୍ଡପଡା ପଞ୍ଚାୟତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି । ଏହି ବିଦ୍ୟଳୟରେ ବିଜ୍ଞାନ ବିଭାଗ ଶିକ୍ଷକ ବହୁ ଦିନରୁ ନ ଥିବାରୁ ଛାତ୍ରୀଛାତ୍ର ମାନେ ବିଜ୍ଞାନ ପାଠ ପଢିପାରୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ବିଭାଗ ଗତ ଜାନୁଆରୀ ୫ ତାରିଖରେ ଜଣେ ବିଜ୍ଞାନ ଶିକ୍ଷକ ବିଶ୍ୱରଞ୍ଜନ ନାୟକଙ୍କୁ ନିଯୁକ୍ତି ଦେଇଥିଲେ। ସେ ୨ ମାସ ଛାତ୍ରୀଛାତ୍ରଙ୍କୁ ପାଠ ପଢା ଯାଉଥିଲା ବେଳେ ରଣପୁର ଶିକ୍ଷା ବିଭାଗ ୨ଦିନ ତଳେ ତାଙ୍କର ବଦଳି ମଝିଆଖଣ୍ଡ ନୂଆପଲ୍ଲୀ ବିଦ୍ୟାଳୟକୁ କରିଦେଇଥିଲେ । ଶିକ୍ଷକଙ୍କ ବଦଳି ଜଣାପଡିବା ପରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବିଜ୍ଞାନ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ନ ହେଲା ପର୍ଯ୍ୟନ୍ତ ସ୍କୁଲରେ ତାଲା ପଡିବ ବୋଲି ଅଭିଭାବକ ଜିଦିରେ ଅଟକ ରହିଥିଲେ । ସେପଟେ ପାଠପଢ଼ା ବନ୍ଦ ହୋଇଥିବା ବେଳେ ଘଟଣାସ୍ଥଳକୁ ଶିକ୍ଷା ବିଭାଗର କୌଣସି ଅଧିକାରୀ ଆସି ନ ଥିଲେ। ଏ ବିଷୟରେ ରଣପୁର ଶିକ୍ଷା ବିଭାଗ ବ୍ଲକ୍ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।

### ୧୫ ଦିନ ହେଲା ଅନ୍ଧାରରେ ଭାଲିଆ ଗାଁ

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ।

ଓଡ଼ଗାଁ,୩୧।୩ (ନାରାୟଣ ପାଣିଗ୍ରାହୀ):

ଆଜକୁ ୧୫ଦିନ ହେଲା ଅନ୍ଧାରରେ ଦିନ କାଟୁଛନ୍ତି ଭାଲିଆ ଗ୍ରାମବାସୀ। ପିଲାଙ୍କ ପାଠପଢ଼ା ହେଉ କି ମୋବାଇଲ ସେବା କିମ୍ବା ପାନୀୟ ଜଳଯୋଗାଣ ସବୁକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଓଡ଼ଗାଁ ବ୍ଲକ ପାଣ୍ଡେରିପଡ଼ା ପଞ୍ଚାୟତ ଭାଲିଆଡିହି ଗ୍ରାମରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ମଙ୍ଗଳବାର ଭାଲିଆ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓଡ଼ଗାଁ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ଦେବା ସହ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ଦାବି କରି କାର୍ଯ୍ୟାଳୟ ଘେରାଉ କରିଥିଲେ। ୨ଦିନ ମଧ୍ୟରେ ଟ୍ରାନ୍ସଫର୍ମର ନ ବସିଲେ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଖରାଦିନ ହୋଇଥିବାରୁ ସବୁଆଡେ ନିଆଁବର୍ଷା ହେଉଛି। ଏଥିରୁ ନିସ୍ତାର ପାଇବା ପାଇଁ ଫ୍ୟାନ୍,ଏସି ଚାଲୁ ନ ଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଅନ୍ଧକାର ହୋଇପଡୁଛି। ଅନ୍ଧାରର ସୁଯୋଗ ନେଇ ଗାଁରେ ଚୋରମାନେ ମାତିଛନ୍ତି। ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭକରି ପାନୀୟଜଳ ପର୍ଯ୍ୟନ୍ତ ସବୁଥିରେ ବିଦ୍ୟୁତ୍‌ର ଆବଶ୍ୟକତା ଥିବାବେଳେ ବିଭାଗ ସବୁ ଜାଣି ଚୁପ୍ ରହିଛି। ବାରମ୍ବାର ଅଭିଯୋଗ କରିବା ପରେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି।

# ଗ୍ୟାସ୍ ଏଜେନ୍ସି ଆଗରେ ଉତ୍ତେଜନା

ନୟାଗଡ଼,୩୧।୩(ଲୋକନାଥ ମିଶ୍ର):

ନୟାଗଡରେ ଗ୍ୟାସ ସଙ୍କଟ । ଗ୍ୟାସ ନ ପାଇବାରୁ ନୟାଗଡ଼ର ଗ୍ୟାସ ଏଜେନ୍ସି କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦେଖାଦେଇଥିଲା ଉତ୍ତେଜନା । ହିତାଧିକାରୀଙ୍କ ପାଇଁ ଆସୁଥିବା ଗ୍ୟାସ କଳାବଜାର କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ଏପରି କି ଓଟିପି ଆସୁଥିଲେ ମଧ୍ୟ ଗ୍ୟାସ ମିଳୁନି ବୋଲି ଅନୁରୂପ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଗ୍ୟାସ ଡେଲିଭରି ବନ୍ଦ ହୋଇଯାଇଛି। ଗ୍ୟାସ ପାଇଁ ଭୋର ସମୟରୁ ଲାଇନ ଲଗାଇଥିଲେ ମଧ୍ୟ ମିଳୁ ନ ଥିବା ଅଭିଯୋଗ ରହିଛି। ଏନେଇ ଖାଉଟି ରାମ ଶଙ୍କର ସାହୁ, ସୁଦାମ ସାହୁ ଓ ବିଳାସିନୀ ନାୟକ କୁହନ୍ତି, ଆଗରୁ ୨୦ ଦିନରେ ବୁକିଂ ହେଉଥିଲା ଏବେ ୨୫ ଦିନରେ ବୁକିଂ ହେଉଛି। ଆଗରୁ ସୁବିଧାରେ ଗ୍ୟାସ ମିଳୁଥିଲା, ଏବେ ମିଳୁ ନାହିଁ। ଏପଟେ କାଠରେ ରୋଷେଇ କରିବା ସମ୍ଭବ ହେଉ ନ ଥିବା ବେଳେ ସେପଟେ ଘରୁ ଗ୍ୟାସ ଶେଷ ହୋଇଯାଉଥିଲେ ମଧ୍ୟ ମିଳୁନି। ଏଜେନ୍ସିରୁ ଗ୍ୟାସ ମିଳୁ ନ ଥିବା ବେଳେ ୨ହଜାର ଟଙ୍କାର ଘରୋଇ ସିଲିଣ୍ଡର କଳାବଜାରରୁ ମିଳୁଛି କିପରି। ପ୍ରଶାସନ ପକ୍ଷରୁ ଗ୍ୟାସ ଧରପଗଡ଼ କାହିଁକି କରାଯାଉନି। ସରକାର ଗ୍ୟାସ ଅଭାବ ନାହିଁ ବୋଲି ଘୋଷଣା କରୁଥିବା ବେଳେ ନୟାଗଡ଼ରେ କାହିଁକି ଗ୍ୟାସର କୃତ୍ରିମ ଅଭାବ ଦେଖାଦେଉଛି ତା'ର କାରଣ ଖୋଜି ପଦକ୍ଷେପ ନିଆଯାଉ। ଗ୍ରାହକ କିପରି ସୁବିଧାରେ ଗ୍ୟାସ ପାଇବେ ସେନେଇ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି। ସବୁ ସତ୍ତ୍ୱେ ଘରେ କିପରି ରୋଷେଇ ହେବ ସେ ଟେନସନ କଥା କହି କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟଜଣେ ଉପଭୋକ୍ତା ସୁଶିଳା ଭୂୟାଁ କୁହନ୍ତି, ଗ୍ୟାସ ଅଭାବ କିପରି ହଟିବ ତା'ର ପଦକ୍ଷେପ ପ୍ରଶାସନ ତୁରନ୍ତ ଦୂର କରୁ। ନ ହେଲେ ଗ୍ୟାସ ଏଜେନ୍ସି ସମ୍ମୁଖରେ ଯେପରି ଉତ୍ତେଜନା ଦେଖାଦେଲା ସବୁଦିନ ଦେଖା ଦେବ। ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ।



ଗ୍ୟାସ୍ ଏଜେନ୍ସି ଆଗରେ ଲୋକେ ଭିଡ ଜମାଇଛନ୍ତି ।










